


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୯ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 9 JANUARY 2024

Vol.No. 35 ■ No.9 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବିଲକିସ୍ ବାନୋ ମାମଲା: ଜେଲ୍‌କୁ ଫେରିବେ ୧୧ ଦୋଷୀ



ନୂଆଦିଲ୍ଲୀ, ୮/୧ : ବହୁ ଚର୍ଚ୍ଚିତ ଗୁଜରାଟ ବିଲକସ ବାନୋ ଗଣଦୁଷ୍କର୍ମ ମାମଲାରେ ସୁପ୍ରିମକୋର୍ଟ ବଡ଼ ରାୟ ଶୁଣାଇଛନ୍ତି। ଦୋଷୀଙ୍କୁ ସମୟ ପୂର୍ବରୁ ମୁକ୍ତି କରିବା ଠିକ ନୁହେଁ ବୋଲି କୋର୍ଟ କହିଛନ୍ତି। ଏବେ ସମସ୍ତ ଦୋଷୀ ଜେଲ ଯିବେ। ବିଲକିସ ବାନୋ ଗଣବଳାତ୍କାର ମାମଲାରେ ସୁପ୍ରିମକୋର୍ଟ ଅପରାଧୀଙ୍କୁ ସମୟ ପୂର୍ବରୁ ମୁକ୍ତ କରିବା ପାଇଁ ଗୁଜରାଟ ସରକାର ଦେଇଥିବା ଆଦେଶକୁ ରଦ୍ଦ କରିଛନ୍ତି। ଏଥିସହ ଦୁଇ ସପ୍ତାହ ଭିତରେ ସମସ୍ତ ଦୋଷୀଙ୍କୁ ସରେଣ୍ଡର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ରାଜ୍ୟର ତଳ କୋର୍ଟ ଏବଂ ହାଇକୋର୍ଟ (ମହାରାଷ୍ଟ୍ର-ଗୁଜରାଟ) ନିଷ୍ପତ୍ତି ନେଇଛନ୍ତି। ଏପରି ପରିସ୍ଥିତିରେ, ଏଥିରେ କୌଣସି ପ୍ରକାରର ହସ୍ତକ୍ଷେପର ଆବଶ୍ୟକତା ନାହିଁ ବୋଲି ଜଷ୍ଟିସ ବି.ଭି ନାଗରତ୍ନା ଏବଂ ଜଷ୍ଟିସ ଉଜ୍ୱଳ ଭୂୟାଁଙ୍କ ସ୍ୱତନ୍ତ୍ର ବେଞ୍ଚ କହିଛନ୍ତି। ଏଥିସହ ମହିଳାମାନେ ସମ୍ମାନର ଯୋଗ୍ୟ ବୋଲି କୋର୍ଟ କହିଛନ୍ତି। ୧୧ ଜଣ ଦୋଷୀଙ୍କୁ ମୁକ୍ତ କରିବା ପାଇଁ ଗୁଜରାଟ ସରକାରଙ୍କ ନିଷ୍ପତ୍ତିକୁ ରଦ୍ଦ କରି ସୁପ୍ରିମକୋର୍ଟ କହିଛନ୍ତି ଗୁଜରାଟ ସରକାର ନୁହେଁ ମହାରାଷ୍ଟ୍ର ସରକାରଙ୍କ ସେମାନଙ୍କ ମୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେବାକୁ ଅଧିକାର ପାଇଛନ୍ତି। ଯଦିଓ ଗୁଜରାଟରେ ଏହି ଅପରାଧ ଘଟିଛି, ତଥାପି ଗୁଜରାଟ ସରକାରଙ୍କର ନିଷ୍ପତ୍ତି ନେବାକୁ ଅଧିକାର ନାହିଁ କାରଣ ମହାରାଷ୍ଟ୍ରରେ ଏହି ବିଚାର ଚାଲିଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଅଗଷ୍ଟ ୨୦୨୨ ଗୁଜରାଟ ସରକାର ବିଲକିସ୍ ବାନୋ ଗଣଦୁଷ୍କର୍ମ ମାମଲାରେ ଆଜୀବନ କାରା ଦଣ୍ଡାଦେଶରେ ଦଣ୍ଡିତ ହୋଇଥିବା ୧୧ ଦୋଷୀଙ୍କୁ ମୁକ୍ତ କରିଥିଲେ। ତେବେ ସମୟ ପୂର୍ବରୁ ଦୋଷୀମାନଙ୍କୁ ମୁକ୍ତ କରିବାକୁ ନେଇ ୩୦ ନଭେମ୍ବର ୨୦୨୨ରେ ସୁପ୍ରିମକୋର୍ଟରେ ଦୁଇଟି ଆବେଦନ କରାଯାଇଥିଲା। ପ୍ରଥମ ଆବେଦନରେ ▶▶ପୃଷ୍ଠା ୭

## ତୀର୍ଥସ୍ଥଳୀକୁ ଭୋଗସ୍ଥଳୀ କରାନଯାଉ: ଶଙ୍କରାଚାର୍ଯ୍ୟ



ପୁରୀ, ୮/୧ (ନି.ପ୍ର): ତୀର୍ଥସ୍ଥଳୀ ଓ ତପସ୍ଥଳୀକୁ ଭୋଗସ୍ଥଳୀ ବା ପର୍ଯ୍ୟଟନସ୍ଥଳୀ କରାନଯାଉ। ଆଜି ଏପରି କହିଛନ୍ତି ପୁରୀ ଗୋବର୍ଦ୍ଧନମଠର ଶଙ୍କରାଚାର୍ଯ୍ୟ ଜଗଦଗୁରୁ ନିଶ୍ଚଳାନନ୍ଦ ସରସ୍ୱତୀ। ଶ୍ରୀମନ୍ଦିର ଲୋକାର୍ପଣ ଉତ୍ସବକୁ ନେଇ ହୋଇଥିବା ପ୍ରଶ୍ନରେ ସେ ଏପରି କରିଛନ୍ତି। ଶଙ୍କରାଚାର୍ଯ୍ୟ କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ନିମନ୍ତ୍ରଣ କରାଯାଇଛି। ମୁଁ ନିମନ୍ତ୍ରଣ ପାଇଛି। କିନ୍ତୁ ଲୋକାର୍ପଣ ଉତ୍ସବରେ ଯୋଗଦେବି କି ନାହିଁ, ତାହା ଏ ପର୍ଯ୍ୟନ୍ତ ସ୍ଥିର କରିନାହିଁ। ଠିକ୍ ସମୟରେ ନିଷ୍ପତ୍ତି ନେବି ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି। ଆଗରୁ ରୂପରେଖ ସଂପର୍କରେ ମୁଁ କିଛି ଜାଣିନଥିଲି। ଗଜପତି ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମୋତେ ଭେଟି ଜଣାଇବା ପରେ ଜାଣିଲି ବୋଲି କହିଛନ୍ତି ଶଙ୍କରାଚାର୍ଯ୍ୟ। ସେ ଆହୁରି କହିଛନ୍ତି, ତୀର୍ଥସ୍ଥଳୀକୁ ପର୍ଯ୍ୟଟନସ୍ଥଳୀ କଲେ, ହୋଟେଲବାଲା ଖୁସି ହେବେ। ତୀର୍ଥସ୍ଥଳୀକୁ ଭୋଗସ୍ଥଳୀ କଲେ ତୀର୍ଥସ୍ଥଳୀର ମହତ୍ତ୍ୱ ରହିବନି ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି। ଆସନ୍ତା ୧୭ ତାରିଖରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହେବ। ଏହି ଲୋକାର୍ପଣ ଉତ୍ସବକୁ ଭବ୍ୟ ଭାବେ କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରୁଛନ୍ତି ▶▶ପୃଷ୍ଠା ୭

## ଲାଞ୍ଚ ନେବା ବେଳେ ଧରାପଡ଼ିଲେ ଏଏସ୍ଆଇ

ଜୟପୁର, ୮/୧ (ନି.ପ୍ର): ଲାଞ୍ଚ ନେବା ବେଳେ ଜଣେ ପୁଲିସ୍ ଏଏସ୍ଆଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କ ନାଁ ଅନୀଲ କୁମାର ନାୟକ। ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜୟପୁର ଟାଉନ ଥାନାରେ କାର୍ଯ୍ୟ କରୁଥିବା ଏଏସ୍ଆଇ ଅନୀଲ କୁମାର ନାୟକ ଆଜି ଜଣେ ବ୍ୟକ୍ତିଙ୍କ ଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଧରା ଯାଇଥିବା ଗାଡ଼ି ଛାଡ଼ିବା ପାଇଁ ସେ ଲାଞ୍ଚ ନେଉଥିଲେ। ଲାଞ୍ଚ ନେଇ ଧରାପଡ଼ିବା ପରେ ଏଏସ୍ଆଇ ଅନୀଲ କୁମାର ନାୟକଙ୍କ ସରକାରୀ ଘର ଓ ପୈତୃକ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା।

## ବିଜେଡିରୁ ଇସ୍ତଫା ଦେଲେ ପୂର୍ବତନ ବିଧାୟକ ବଳଭଦ୍ର ମାଝୀ

ଭୁବନେଶ୍ୱର, ୮ /୧ (ନି.ପ୍ର): ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ବଳଭଦ୍ର ମାଝୀ ଆଜି ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ବିଜେଡି ସଭାପତିଙ୍କୁ ପଠାଇଥିବା ଇସ୍ତଫା ପତ୍ରରେ ବଳଭଦ୍ର ମାଝୀ ଲେଖିଛନ୍ତି, ୧୯୯୭ରେ ଦଳ ଗଠନ ହେବା ପରଠାରୁ ଆପଣଙ୍କ ସହିତ କାମ କରିବାର ସୁଯୋଗ ଦେଇଥିବାରୁ ଆପଣଙ୍କୁ ବହୁତ ଧନ୍ୟବାଦ। ବଳଭଦ୍ର ମାଝୀ ଇସ୍ତଫା ପତ୍ରରେ ତାଙ୍କର ଏହି ପଦକ୍ଷେପର କାରଣ ସଂପର୍କରେ ▶▶ପୃଷ୍ଠା ୭

## ଓଡ଼ିଶା ଟ୍ରାନ୍ସପୋର୍ଟ କର୍ମଚାରୀ ମହାସଂଘର ଆନ୍ଦୋଳନ ପ୍ରତ୍ୟାହୃତ



ଭୁବନେଶ୍ୱର, ୮ /୧ (ନି.ପ୍ର): ଆଜି ସକାଳୁ ଆରମ୍ଭ ହୋଇଥିବା ଓଡ଼ିଶା ଟ୍ରାନ୍ସପୋର୍ଟ କର୍ମଚାରୀ ମହାସଂଘର ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି । ଆନ୍ଦୋଳନ ପ୍ରତ୍ୟାହାର ନେଇ ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ସଭାପତି ଜନାର୍ଦ୍ଦନ ପତି ସୂଚନା ଦେଇଛନ୍ତି। ସଂଶୋଧିତ ଭାରତୀୟ ନ୍ୟାୟ ସଂହିତାରେ ଡ୍ରାଇଭରଙ୍କ ପାଇଁ କରାଯାଇଥିବା କଡ଼ା ଦଣ୍ଡ ବିଧାନ ବ୍ୟବସ୍ଥାକୁ ବିରୋଧ କରି ଅନିର୍ଦ୍ଦିଷ୍ଟ କାଳୀନ ଧର୍ମଘଟ ଡାକରା ଦେଇଥିଲା ଓଡ଼ିଶା ପରିବହନ ଶ୍ରମିକ ମହାସଂଘ। ଏହି ଦଣ୍ଡ ବିଧାନକୁ ପ୍ରତ୍ୟାହାର ସହ ଅନ୍ୟାନ୍ୟ ଦାବି ପୂରଣ ନିମନ୍ତେ ଟ୍ରାନ୍ସପୋର୍ଟ କର୍ମଚାରୀ ମହାସଂଘ ପକ୍ଷରୁ ଆଜି ସକାଳ ୬ଟାରୁ ଧାରଣା ଡାକରା ଦିଆଯାଇଥିଲା। ଓଡ଼ିଶା ଟ୍ରାନ୍ସପୋର୍ଟ କର୍ମଚାରୀ ମହାସଂଘ ଡାକରାରେ ପାରାଦୀପରେ ଡ୍ରାଇଭରମାନେ ଷ୍ଟିୟରିଂ ଛାଡ ଆନ୍ଦୋଳନ କରିଥିଲେ। ସମସ୍ତ ପେଟ୍ରୋଲିୟମ ତୈଳ ଡିପୋରେ ନିୟୋଜିତ ତେଲ ଟ୍ୟାଙ୍କର କର୍ମଚାରୀମାନେ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଫଳରେ ପେଟ୍ରୋଲ, ଡିଜେଲ ପରିବହନ ଠପ୍ ହୋଇଯାଇଥିଲା। ପାରାଦୀପରେ ଥିବା ଡିପୋଗୁଡ଼ିକରୁ ରାଜ୍ୟ ସାରା ପେଟ୍ରୋଲ ଟାଙ୍କିକୁ ତେଲ ଯୋଗାଣ ହୋଇଥାଏ। ଆଜିଠାରୁ ତେଲ ପରିବହନ ବନ୍ଦ ହେବାରୁ ରାଜ୍ୟର ବିଭିନ୍ନ ତେଲ ଟାଙ୍କିରେ ତୈଳ ସଙ୍କଟ ଦେଖା ଦେବା ଆଶଙ୍କାକୁ ନେଇ ଚିନ୍ତା ବଢ଼ି ଯାଇଥିଲା। । ଏହାଦ୍ୱାରା ଲୋକମାନେ ହଇରାଣ ହେବା ସହ ମାଲ୍ ପରିବହନ ବି ଗୁରୁତର ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଥିଲା। ଫଳରେ ତତକ୍ଷଣାତ ଏହି ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଥିଲେ । ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅନୁରୋଧ କ୍ରମେ ଓଡ଼ିଶା ପରିବହନ ଶ୍ରମିକ ମହାସଂଘର ୫ ଜଣିଆ ଟିମ୍ ରାଜ୍ୟ ସଚିବାଳୟରେ ଆଲୋଚନା ନିମନ୍ତେ ପହଞ୍ଚିଥିଲେ। ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ, ପରିବହନ କମିଶନରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଦୀର୍ଘ ସମୟର ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାଯାଇଛି। ଏନେଇ ମହାସଂଘ ସଭାପତି ଜନାର୍ଦ୍ଦନ ପତି ଗଣମାଧ୍ୟମକୁ ସମ୍ବୋଧନ କରି କହିଛନ୍ତି, ଆଜି ମୁଖ୍ୟ ଶାସନ ସଚିବ ଆଲୋଚନା ନିମନ୍ତେ ଡକାଇଥିଲେ। ୫ ଜଣ ପ୍ରତିନିଧୀ ଦୀର୍ଘ ସମୟ ଆଲୋଚନା କଲୁ। ଡ୍ରାଇଭରଙ୍କ ପାଇଁ ▶▶ପୃଷ୍ଠା ୭

## ପୌର ନିର୍ବାହୀ ଅଧିକାରୀଙ୍କୁ ନିଆଁ ଲଗାଇ ଜାଳି ଦେବାକୁ ଉଦ୍ୟମ: ଅଭିଯୁକ୍ତ ଗିରଫ



କେନ୍ଦୁଝର, ୮/୧ (ନି.ପ୍ର): ଅଳ୍ପକେ ବର୍ତ୍ତି ଯାଇଛନ୍ତି କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା। ଆଜି ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ହୋଇଥିଲା ଉଦ୍ୟମ। ଆଜି ସନ୍ଧ୍ୟା ପ୍ରାୟ ୫ ଟା ବେଳେ ବଡ଼ବିଲ ପୌର କାର୍ଯ୍ୟାଳୟରେ ଘଟିଥିଲା ଏହି ଅଭାବନୀୟ ଘଟଣା। ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ନିଜ ଚ୍ୟାମ୍ବରରେ ବସିଥିଲାବେଳେ ବଡ଼ବିଲ ଡେଲି ମାର୍କେଟ ଅଞ୍ଚଳର ଅଭିଷେକ ଗୁପ୍ତା ନାମକ ଯୁବକ ପଶି ଯାଇଥିଲେ। କିଛି କଥାବାର୍ତ୍ତା ପରେ ସେ ହଠାତ୍ ବ୍ୟାଗରେ ଲୁଚାଇ ଆଣିଥିବା ଗୋଟିଏ ପେଟ୍ରୋଲ ଭର୍ତ୍ତି ବୋତଲ ବାହାର କରି ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ଉପରେ ଢାଳି ଦେଇଥିଲେ। ଏହା ପରେ ନିଆଁ ଲଗାଇ ଦେବା ପାଇଁ ଲାଇଟର ବାହାର କରିଥିଲେ। ସେହି ସମୟରେ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପାଟି କରିବା ସହ ନିଜ ଚ୍ୟାମ୍ବରରୁ ଦୌଡ଼ି ବାହାରକୁ ଚାଲି ଆସିଥିଲେ। ଶ୍ରୀ ପଣ୍ଡାଙ୍କ ପାଟି ଶୁଣି ଅନ୍ୟ ▶▶ପୃଷ୍ଠା ୭

## ଆସନ ଭାଗବଂଟାକୁ ନେଇ ଦିଲ୍ଲୀରେ ଆପ-କଂଗ୍ରେସ ବୈଠକ

ନୂଆଦିଲ୍ଲୀ, ୮/୧ : ଲୋକସଭା ନିର୍ବାଚନରେ ବିଜେପିକୁ ମାତ ଦେବା ପାଇଁ ୨୮ଟି ବିରୋଧୀ ଦଳକୁ ନେଇ ଗଠିତ ଇଣ୍ଡିଆ ମେଂଟ ଜୋରସୋରରେ କାମ ଆରମ୍ଭ କରିଛି । ସୋମବାର ଆମ ଆଦମୀ ପାର୍ଟି ସହ ଆଲୋଚନା କରିଛି କଂଗ୍ରେସ । ବୈଠକ ପରେ କଂଗ୍ରେସ ନେତା ମୁକୁଲ ବାସନି କହିଛନ୍ତି ଆଲୋଚନା ସକରାତ୍ମକ ରହିଛି । ଖୁବଶିଘ୍ର ଆଗାମୀ ବୈଠକ ବସିବ ଓ ଆସନ ଭାଗବଂଟା କରାଯିବ । ଏକାଠି ମିଶି ବିଜେପିକୁ ହରାଇବୁ । ରବିବାର ଆରଜେଡି ଓ ଜେଡିୟୁ ସହ ଆଲୋଚନା କରିଥିଲା ଦଳ ।

## ବାୟୁ ପ୍ରଦୂଷଣ: ଦେଶର ୧୬ଟି ସ୍ଥାନର ସ୍ଥିତି ଅତି ଖରାପ, କେବଳ ଓଡ଼ିଶାରୁ ଅଛି ୬ ସହର



ଭୁବନେଶ୍ୱର, ୮ /୧ (ନି.ପ୍ର): ରାଜ୍ୟରେ ଅସହ୍ୟ ହେଲାଣି ବାୟୁ ପ୍ରଦୂଷଣ। ନିଃଶ୍ୱାସରେ ରୋଗ ନେଉଛନ୍ତି ଲୋକେ। ଆଜି ଅପରାହ୍ନ ୪ଟାରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଯେଉଁ ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ରିପୋର୍ଟ ପ୍ରକାଶ କରିଛି, ତା' ଅନୁସାରେ ଦେଶର ୧୬ଟି ସହରର ସ୍ଥିତି ଠରକ୍ୱଚ କ୍ରୁକ୍ଟୁକ୍ସ ବା ଅତି ଖରାପ ଥିବା ବେଳେ ତା'ମଧ୍ୟରେ କେବଳ ଓଡ଼ିଶାର ୬ଟି ସହର ରହିଛି। ଗତ ୨୪ ଘଣ୍ଟାରେ ଦେଶର ବିଭିନ୍ନ ସହରରେ ବାୟୁର ମାନର ହାରାହାରିକୁ ହିସାବକୁ ନେଇ ଏହି ରିପୋର୍ଟ ପ୍ରକାଶ କରାଯାଇଛି। ଏହି ରିପୋର୍ଟ ଅନୁସାରେ ରାଜ୍ୟରେ ଅନୁଗୋଳରେ ବାୟୁ ପ୍ରଦୂଷଣ ମାତ୍ରା ସର୍ବାଧିକ। ଦିଲ୍ଲୀଠାରୁ ବି ଅନୁଗୋଳର ସ୍ଥିତି ଅଧିକ ଖରାପ। ଅନୁଗୋଳରେ ବାୟୁର ମାନ ବା ଏକ୍ୟୁଆଇ ମାନ ୩୫୨ ରହିଥିବା ବେଳେ ଦିଲ୍ଲୀରେ ୩୪୫ ରହିଛି। କଟକରେ ବାୟୁର ମାନ ବା ଏକ୍ୟୁଆଇ ମାନ ୩୪୦ ରହିଥିବା ବେଳେ ବାଲେଶ୍ୱରରେ ୩୩୪, ଭୁବନେଶ୍ୱରରେ ୩୩୪, କେନ୍ଦୁଝରରେ ୩୨୬ ଓ ତାଳଚେରରେ ୩୦୪ ରହିଛି। ସେହିପରି ରାଇରଙ୍ଗପୁରରେ ଏକ୍ୟୁଆଇ ମାନ ୩୦୦ ଓ ବଡ଼ବିଲରେ ୨୯୨ ରହିଛି, ଯାହାକି ସାଙ୍ଘାତିକ ସ୍ଥିତିରେ ରହିଛି। ଏୟାର କ୍ୱାଲିଟି ଇଣ୍ଡେକ୍ସ ସ୍ତରକୁ ୦ରୁ ୫୦୦ ଭିତରେ ୬ ଭାଗରେ ବିଭକ୍ତ କରାଯାଇଥାଏ। ପ୍ରଦୂଷଣ ସ୍ତରକୁ ଦେଖି ୦-୫୦ ଭିତରେ ଥିବା ବାୟୁ ଭଲ ଓ ଏଥିପାଇଁ ନୀଳ ଚିହ୍ନ ବ୍ୟବହାର କରାଯାଏ।

## ତେଜୁଛି ଲାକ୍ଷାଦ୍ୱୀପ ବନାମ ମାଳଦ୍ୱୀପ ବିବାଦ


### ♦ସମନ ପରେ ନୂଆଦିଲ୍ଲୀରେ ମାଳଦ୍ୱୀପ ରାଷ୍ଟ୍ରଦୂତ ହାଜର
### ♦ମୋଦୀ ବିରୋଧୀ ମନ୍ତବ୍ୟ ପରେ ବଢୁଛି ବୟକଟ୍ ମାଳଦ୍ୱୀପ



ନୂଆଦିଲ୍ଲୀ, ୮/୧ : ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପରେ ମାଳଦ୍ୱୀପ ସରକାରଙ୍କ ଯେଉଁ ୩ଜଣ ମନ୍ତ୍ରୀ ଆପତିଜନକ ଟିପ୍ପଣୀ ଦେଇଥିଲେ ସେମାନେ ହୁଏତ କଳ୍ପନାରେ ସୁଦ୍ଧା ଚିନ୍ତା କରିନଥିବେ ରାତାରାତି କିଭଳି ସମସ୍ୟାରେ ପଡିବ ଦେଶ। ସବୁଠି ଏବେ ମାଳଦ୍ୱୀପ ବିରୋଧରେ ସ୍ୱର ଉତୋଳନ ଆରମ୍ଭ ହୋଇଛି । ସୋସିଆଲ ମିଡିଆଠୁ ନେଇ ଭାରତର ଅନେକ ବିଶିଷ୍ଟ ବ୍ୟକ୍ତି ମାଳଦ୍ୱୀପ ମନ୍ତ୍ରୀଙ୍କ ବୟାନକୁ ନିନ୍ଦା କରୁଛନ୍ତି । କେବଳ ସେତିକି ନୁହେଁ ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି ବୟକଟ ମାଳଦ୍ୱୀପ । ପର୍ଯ୍ୟଟକଙ୍କ ସଂଖ୍ୟା ହଠାତ ଖସିବା ସହ ବୁକିଂ ମଧ୍ୟ ରଦ୍ଦ ହେଉଛି । କହିବାକୁ ଗଲେ ଭାରତ ବିରୋଧୀ ବୟାନ ଦେଇ ନିଜ ଗୋଡରେ ନିଜେ କୁରାଡ଼ି ମାରିଛି ମାଳଦ୍ୱୀପ । ପର୍ଯ୍ୟଟନ କ୍ଷେତ୍ରକୁ ନେଇ ଉପଜିଥିବା ବିବାଦ ଭିତରେ ସାମ୍ନାକୁ ଆସିଛନ୍ତି ଭାରତର ବହୁ ବିଶିଷ୍ଟ ଚେହେରା । ବଲିଉଡ କଳାକାରଙ୍କଠୁ ନେଇ ବ୍ୟବସାୟୀ, ଶିଳ୍ପପତି ଲାକ୍ଷାଦ୍ୱୀପର ପ୍ରଶଂସା କରିବା ସହ ବିଭିନ୍ନ ପ୍ରକାର ପୋଷ୍ଟରେ ମାଳଦ୍ୱୀପକୁ ଉଚିତ ଜବାବ ଦେଇଛନ୍ତି । ସବୁଠୁ ଅଧିକ ଭାଇରାଲ ହେଉଛି ବିଗ ବି ଅମିତାଭ ବଚ୍ଚନଙ୍କ ସୋସିଆଲ ମିଡିଆ ପୋଷ୍ଟ । ଯେଉଁଥିରେ ବିଗ ବି ଲେଖିଛନ୍ତି ଭାରତର ଆତ୍ମନିର୍ଭରତା ଉପରେ ଆଦୌ ବାଧା ଦିଅନ୍ତୁ ନାହିଁ ।

▶▶ପୃଷ୍ଠା ୭

## ବିଜେପିକୁ ଝଟକା: ନିର୍ବାଚନ ହାରିଗଲେ ୧୦ ଦିନର ମନ୍ତ୍ରୀ



ରାଜସ୍ଥାନ, ୮/୧ : ୧୦ ଦିନ ପୂର୍ବେ ଶପଥ ନେଇ ମନ୍ତ୍ରୀ ହୋଇଥିଲେ। ଏବେ ଉପ-ନିର୍ବାଚନରେ ହାରିଗଲେ। ରାଜସ୍ଥାନର କରଣପୁର ବିଧାନସଭା ଆସନରୁ ବିଜେପିକୁ ଲାଗିଛି ଶକ୍ତ ଝଟ୍‌କା। ମନ୍ତ୍ରୀ ହେବାର ୧୦ ଦିନ ପରେ ଉପ-ନିର୍ବାଚନରେ ୧୨ ହଜାରରୁ ଅଧିକ ଭୋଟ୍‌ରେ ପରାଜିତ ହୋଇଛନ୍ତି ସୁରେନ୍ଦ୍ର ପାଲ ସିଂହ ଟିଟି। ତାଙ୍କୁ କଂଗ୍ରେସ ପ୍ରାର୍ଥୀ ରୂପିନ୍ଦର ସିଂହ ହରାଇଛନ୍ତି। ୨୦୨୩ ରାଜସ୍ଥାନ ବିଧାନସଭା ନିର୍ବାଚନ ପ୍ରଚାର ବେଳେ କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ଗୁରମିତ ସିଂହ କୁନରଙ୍କ ଦେହାନ୍ତ ହୋଇଥିଲା। ଏଥିପାଇଁ କରଣପୁର ଆସନରେ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ଏହି ଆସନରେ ଉପ-ନିର୍ବାଚନ ପାଇଁ ଘୋଷଣା ହୋଇଥିଲା। ବିଜେପି ପକ୍ଷରୁ ଭଜନଲାଲ ସରକାରରେ ମନ୍ତ୍ରୀ ଭାବେ ଶପଥ ନେଇଥିବା ସୁରେନ୍ଦ୍ର ପାଲ ସିଂହ ମୈଦାନକୁ ଓହ୍ଲାଇଥିବା ବେଳେ କଂଗ୍ରେସ ଗୁରମିତଙ୍କ ପୁଅ ରୂପିନ୍ଦରଙ୍କୁ ପ୍ରାର୍ଥୀ କରିଥିଲା। ଜାନୁଆରୀ ୫ ତାରିଖରେ ଏହି ଆସନରେ ଭୋଟ ହୋଇଥିଲା। ଆଜି ଏହାର ଫଳାଫଳ ଆସିଛି। ବିଜେପି ପ୍ରାର୍ଥୀଙ୍କୁ ୧୨,୫୭୦ ଭୋଟ୍‌ରେ ମାତ୍ ଦେଇ ରୂପିନ୍ଦର ବଡ଼ ବିଜୟ ହାସଲ କରିଛନ୍ତି। ସେପଟେ ରୂପିନ୍ଦରଙ୍କୁ ବିଜୟ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଅଶୋକ ଗେହଲଟ ଶୁଭେଚ୍ଛା ଜଣାଇଛନ୍ତି। ୧୦ ଦିନ ପୂର୍ବେ ତଥା ଡିସେମ୍ବର ୩୦ ତାରିଖରେ ସୁରେନ୍ଦ୍ର ଟିଟି ଭଜନଲାଲାଙ୍କ କ୍ୟାବିନେଟ୍‌ରେ ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ତାଙ୍କୁ ଭଜନଲାଲ ସରକାରଙ୍କ ରାଜ୍ୟମନ୍ତ୍ରୀ (ସ୍ୱତନ୍ତ୍ର ପ୍ରଭାରୀ) କରାଯାଇଥିଲା। ତେବେ ନିର୍ବାଚନ ପୂର୍ବରୁ ମନ୍ତ୍ରୀ ଭାବେ ସୁରେନ୍ଦ୍ରଙ୍କ ▶▶ପୃଷ୍ଠା ୭

# ହଳଦୀ ପଦା ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ୩୦ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ



ବସ୍ତା, ୮/୧ (ନି.ପ୍ର): ହଳଦୀପଦା ଅଗରୱାଲ ହାଇସ୍କୁଲ ସଭାଗୃହରେ ୩୦ତମ ବାର୍ଷିକ ଉତ୍ସବ ରବିବାର ଉଦଘାଟିତ ହୋଇଯାଇ ଅଛି । ଏହି ଉଦଘାଟନି ଉତ୍ସବରେ ଶିଶୁ ଓ କିଶୋର ଲେଖନୀ କର୍ମଶାଳା, ଅବିଭାବକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବ୍ୟାସକବି ଫକିରମୋହନ ସାଂସ୍କୃତିକ ଅନୁଷ୍ଠାନର ସଭାପତି ମହେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏକ ସଭାର ଆୟୋଜନ ହୋଇଥିଲା । ମୁଖ୍ୟ ଅତିଥିଭାବେ ଶୈଳ ବାଳା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଫେସର ଡକ୍ଟର ଆରାଧନା ନାୟକ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଓଡିଆଶିଶୁ ସାହିତ୍ୟ ଗବେଷଣା ପରିଷଦ ସଦସ୍ୟ ଗୌତମ ମହାରଣା ସମ୍ମାନୀତ ଅତିଥି ସଞ୍ଜୟ କୁମାରଦାସ, ସମ୍ମାନୀତ ଅତିଥି ସାମ୍ବାଦିକ ବିଜୟ କୁମାର ଭୂୟାଁ, ସାମ୍ବାଦିକ ସୁଶାନ୍ତ ପ୍ରଧାନ ଓ ଓଡିଆ ମଧୁବର୍ଣ୍ଣବୋଧ ପାଠଶାଳା ଶିକ୍ଷକ ଗଣେଶ ଚନ୍ଦ୍ର ଜେନା ଯୋଗ ଦେଇ ବ୍ୟାସକବି ଫକିର ମୋହନ ସେନା ପତିଙ୍କ ଜିବନୀ ବିଷୟରେ ବର୍ଣ୍ଣନା କରିଥିଲେ । ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଡକ୍ଟର ବ୍ରଜ ଗୋପାଳ ମହାନ୍ତି ସଭାପତିତ୍ୱ କରିଥିଲେ । ଅତିଥି ପରିଚୟ ପ୍ରଦାନକରିଥିଲେ ଅତିରିକ୍ତ ତହସିଲଦାର ମନୋଜ କୁମାର ସାହୁ, ଧନ୍ୟବାଦ ଦେଇଥିଲେ ଅନୁଷ୍ଠାନର ସମ୍ପାଦକ ଅନିଲ କୁମାର ସାହୁ। ପରିଚାଳନା କରିଥିଲେ ସାଗର ସାହୁ, ନନ୍ଦନ ବେହେରା, ଭରତ ବାରିକ, ସତ୍ୟବ୍ରତ ସାହୁ, ନିତ୍ୟାନନ୍ଦ ସାହୁ, ଆଦିତ୍ୟ ସାହୁ, ତପନ ସାହୁ, ମଧୁସୁଦନ ସାହୁ, ରାକେଶ ସାହୁ, ଶୁଭଙ୍କର ସାହୁ, ରୁଦ୍ର ସାହୁ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ।

# ଗୋପାଳବଲ୍ଲଭ ରୋଡ଼ ମଦ ଦୋକାନକୁ ବିରୋଧ

ପୁରୀ, ୮/୧ (ନି.ପ୍ର): ପୁରୀ ଜିଲ୍ଲା ପ୍ରଶାସନ, ପୁରୀ ପୋଲିସ ଓ ଅବକାରୀ ବିଭାଗ ଜାଣତରେ ଗୋପାଳବଲ୍ଲଭ ରୋଡ ଠାରେ ଥିବା ବିଦେଶୀ ମଦ ଦୋକାନ ବନ୍ଦ କରିବା ଦାବୀରେ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମଦ ମାଫିଆଙ୍କ ସହ ମଧୁଚନ୍ଦ୍ରିକା ରହିଥିବା ଛାତ୍ର କଂଗ୍ରେସ ଅଭିଯୋଗ କରିଛି। ମଦ ଦୋକାନୀ ମାନେ ନିୟମାବଳୀକୁ ଉଲ୍ଲଙ୍ଘନ କରୁଛନ୍ତି। ମଦଦୋକାନ ଯୋଗୁଁ ସ୍ଥାନୀୟ ବାସିନ୍ଦା ହଇରାଣ ହେଉଛନ୍ତି। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅନୁସାରେ, ନିର୍ମାଣ ସଦନ ଠାରୁ ୩୦୦ ମିଟର ଦୂରତା ପରିସର ମଧ୍ୟରେ କୌଣସି ବି ମଦ ଦୋକାନର ଖୋଲିବାର ଅନୁମତି ନାହିଁ। ଗୋପାଳବଲ୍ଲଭ ରୋଡ ଠାରେ ରାଜ୍ୟ ହୋମିଓପାଥି ଗବେଷଣା କେନ୍ଦ୍ର ଓ ଡାକ୍ତରଖାନା ରହିଅଛି। ସେଠାରେ ରୋଗୀଙ୍କୁ ସେବା ଶୁଶ୍ରୁଷା ଯୋଗାଇ ଦେଉଛନ୍ତି। ଡାକ୍ତରଖାନା ସମ୍ମୁଖରେ ମଦ ଦୋକାନ ଖୋଲିଥିବାରୁ ରୋଗୀ ଓ ସ୍ଥାନୀୟ ବାସିନ୍ଦାଙ୍କ ଶାନ୍ତି ବାତାବରଣ ନଷ୍ଟ ହେଉଛି। ବଡ଼ିସକାଳୁ ପବିତ୍ର ପୁରୀ ଗର୍ବ ଆମରି ଅଳିଆଗାଡିରେ ବାଜୁଅଛି ଅଥଚ ସେଠାରେ ଅପିବ୍ରତାର ବାତାବରଣ ସୃଷ୍ଟି ହେଉଛି। ମଦ ମାଫିଆ, ପ୍ରଶାସନ, ସରକାର ଓ ଅବକାରୀ ବିଭାଗର ମିଳିତ ଉଦ୍ୟମରେ ଏକଛତ୍ରବାଦୀ ଶାସନ ଚାଲିଛି, ତାହାକୁ ପୁରୀ ଜିଲ୍ଲା ଛାତ୍ର କଂଗ୍ରେସ ବିରୋଧ କରିଛି। ଜିଲ୍ଲା ସଭାପତି ଆଶୁତୋଷ ମିଶ୍ରଙ୍କ ନେତୃତ୍ୱରେ ପୂର୍ବତନ କାଉନସିଲର ସରସ୍ୱତୀ ପାତ୍ର, ଛାତ୍ର କଂଗ୍ରେସ କର୍ମକର୍ତା ରୀସାନ ଦାଶ, ସମେତ ମହିଳା କଂଗ୍ରେସ କର୍ମକର୍ତାଙ୍କ ଉପସ୍ଥିତିରେ ମଦ ଦୋକାନ ବନ୍ଦ କରିବା ଉଦ୍ଦେଶ୍ୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

# ପ୍ରଧାନମନ୍ତ୍ରୀ ଜନମନ କାର୍ଯ୍ୟକ୍ରମ ଅନୁଷ୍ଠିତ

ବେତନଟୀ, ୮/୧ (ନି.ପ୍ର): ବେତନଟୀ ଥାନା ଅଧୀନ ଧାନଶୋଳ ଠାରେ ଆଦିମ ଜନଜାତି ଲୋଧା ସମ୍ପ୍ରଦାୟର ଉନ୍ନତିକଳ୍ପେ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନରେ ପିଏମ-ଜନମନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଧାନଶୋଳ ଠାରେ ବସବାସ କରୁଥିବା ଆଦିମ ଜନଜାତି ଲୋଧା ସମ୍ପ୍ରଦାୟର ଅଧିବାସୀ ବିଭିନ୍ନ ସରକାରୀ ସୁବିଦା ସୁଯୋଗ ସାଙ୍ଗକୁ ଅଧିକାରରୁ ବଞ୍ଚିହୋଇ ରହୁଥିବାରୁ ସେମାନଙ୍କୁ ସମସ୍ତ ପ୍ରକାର ଅତ୍ୟାବଶ୍ୟକ ସେବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ହାତ ପାହାନ୍ତରେ ଯୋଗାଇ ଦେବାନେଇ ଉଦ୍ୟମ କରାଯାଇଥିଲା। ସବାରିପଦା ସଦର ତହସିଲଦାର ଦୀନମଣି ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ନିମନ୍ତେ ସୁବାସଚନ୍ଦ୍ର ଜିତବାବୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋଜ ମହାନ୍ତ ଏବଂ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ତୃପ୍ତିମୟୀ ସିଂ ନୋଡାଲ ଅଫିସର ଭାବରେ ନିଯୁକ୍ତ ହୋଇଥିଲେ।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବ୍ଲକ ସମାଜିକ ସୁରକ୍ଷା ବ୍ୟବସ୍ଥା ଅଧୀନରେ ଆସୁଥିବା ବିଭିନ୍ନ ଭତ୍ତା ତଥା ସହାୟାତା ସାଙ୍ଗକୁ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯାଇଥିଲା। ସେହିଭଳି ଯୋଗାଣ ଅଧିକାରୀ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା (ବିଏସକେୱାଇ) କାର୍ଡ ପାଇଁ ହିତାଧିକାରୀ ଚିହ୍ନଟ, ମନରେଗା ଯୋଜନା ନିମନ୍ତେ ଜୋବକାର୍ଡ ପାଇଁ ଭାଗବତଚନ୍ଦ୍ରପୁର ପଞ୍ଚାୟତର ଜିଆରଏସ କରମାନନ୍ଦ ମହାନ୍ତ, ଜାତିଗତ ପ୍ରମାଣପତ୍ର ସାଙ୍ଗକୁ ବନ୍ଦୋବ୍ୟସ୍ତ ଯୋଜନାରେ ଜମିପଟ୍ଟା ତଥା ଅନ୍ୟାନ୍ୟ ପ୍ରମାଣପତ୍ର ପ୍ରଦାନ ନିମନ୍ତେ କେସିପୁର ରାଜସ୍ୱ ନିରୀକ୍ଷକ ମଙ୍ଗଲ ମାହାଲି, ପିଏମ କିଷାନ ନିଧି ଏବଂ କାଳିଆ ଯୋଜନା ପାଇଁ ସହକାରୀ କୃଷି ଅଧିକାରୀ, ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ ତଥା ଔଷଧ ବିତରଣ ପାଇଁ କେସିପୁର ଡାକ୍ତରଖାନାର ୟୁନିଟ, ବ୍ୟାଙ୍କରେ ଜମାଖାତା ପାଇଁ କେସିପୁର ଏବଂ ଷ୍ଟେସନବଜାର ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା ପ୍ରବନ୍ଧକଙ୍କ ସମେତ ବୁଢିଖମାରୀ ଏସବିଆଇ ମ୍ୟାନେଜର ଉପସ୍ଥିତ ରହିଥିଲେ ।ଏହି ଅବସରରେ ନୂତନ ଆଧଅରକାର୍ଡ ପ୍ରଦାନ ନେଇ ମଧ୍ଯ ବ୍ୟବସ୍ଥା କରାଯାଇଥିଲା। ପରିଚାଳନାରେ ପଞ୍ଚାୟତ କାର୍ଯ୍ୟକ୍ରମ, ରାଜସ୍ୱ ବିଭାଗ, ଯୋଗାଣ ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହିଥିଲେ।

# ଜୟପୁର ସହରରେ ପରିକ୍ରମା କରିବ 'ଜୟ ଜଗନ୍ନାଥ ଅର୍ପଣ ରଥ'

ଜୟପୁର, ୮/୧ (ନି.ପ୍ର): ଜୟପୁର ସହରରେ ପରିକ୍ରମା କରିବ ଜୟ ଜଗନ୍ନାଥ ଅର୍ପଣ ରଥ । ଏନେଇ ଜୟପୁର ପୌରପାଳିକା ତରଫରୁ ଟାଉନ ହଲ ଠାରେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜୟପୁର ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି । ଆସନ୍ତା ୧୭ ତାରିଖରେ ପୁରୀ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବ । ଏହି ଅବସରରେ ଆସନ୍ତା ୮ ତାରିଖରୁ ୧୪ ତାରିଖ ମଧ୍ୟରେ ଜୟ ଜଗନ୍ନାଥ ଅର୍ପଣ ରଥ ଜୟପୁର ସହରର ସମସ୍ତ ଓାର୍ଡ, ସାହି ପରିକ୍ରମା କରିବ । ଏହି ରଥ ଘର ସମ୍ମୁଖରେ ପହଂଚିଲେ ଗୁଆ ଓ ଚାଉଳ ସଂଗ୍ରହ କରାଯିବ । ସଂଗ୍ରହ ହୋଇଥିବା ଗୁଆ ଚାଉଳ ମହା ପ୍ରଭୁ ଜଗନ୍ନାଥ ଙ୍କ ସେବାରେ ବିନିଯୋଗ କରିବା ପାଇଁ ପୁରି ପଠାଯିବ ବୋଲି ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସୁଚନା ଦେଇଛନ୍ତି । ଜୟପୁର ସହରରେ ଦୁଇଟି ଜୟ ଜଗନ୍ନାଥ ଅର୍ପଣ ରଥ ବୁଲିବ । ଏଠାରେ କାଉନସିଲର, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁରଭାଇଜର ଉପସ୍ଥିତ ରହିବା ସହ ସହରର ସଂକିର୍ତନ ମଣ୍ଡଳି ଭାଗ ନେବେ । ୮ ତାରିଖ ସୋମବାର ଦିନ ଜୟପୁର ଜଗନ୍ନାଥ ମନ୍ଦିରରୁ ଏହି ରଥ ଭବ୍ୟ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ନେଇ ସ୍ଥିର ହୋଇଛି ।

# କର ସେବକଙ୍କୁ ସମ୍ବର୍ଦ୍ଧନା ନେଇ ହିନ୍ଦୁ ସମାଜ ତରଫରୁ ପ୍ରସ୍ତୁତି ବୈଠକ

ଜୟପୁର, ୮/୧ (ନି.ପ୍ର): ଜୟପୁର ସ୍ଥିତ ଚୈତନ୍ୟ ମନ୍ଦିର ଠାରେ ହିନ୍ଦୁ ସମାଜ ତରଫରୁ ଆବାହକ ନିରଞ୍ଜନ ପାଣିଗ୍ରାହୀଙ୍କ ଆବାହନ କ୍ରମେ ବାବରୀ ଢାଂଚା ଭାଙ୍ଗିବା ନିମନ୍ତେ ଯାଇଥିବା କର ସେବକଙ୍କ ଏକ ବୈଠକ ରଖାଯାଇଥିଲା । ପ୍ରଥମେ ଆବାହକ ପାଣିଗ୍ରାହି ବୈଠକର ଲକ୍ଷ ଉଦ୍ଦେଶ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ ଏବଂ ଆସନ୍ତା ୨୧ ଜାନୁୟାରୀ ୨୦୨୪ ଦିନ ରଘୁନାଥ ମନ୍ଦିର ସମ୍ମୁଖରେ ସନ୍ଧ୍ୟା ୬ଟା ସମୟରେ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ଆରମ୍ଭ ହେବ ଓ ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ କର ସେବକଙ୍କୁ ସମ୍ମାନିତ କରାଯିବ ଓ ୨୨ଜାନୁୟାରୀ ଅପରାହ୍ନ ୩ଟା ସମୟରେ ଝାଙ୍କର ଦେବୀ ମନ୍ଦିର ପାରବେଡ଼ା ଠାରୁ ପ୍ରଭୁ ଶ୍ରୀରାମଙ୍କ ଦରବାର ସହ ଏକ ଶୋଭାଯାତ୍ରାର ଆୟୋଜନ ରଖାଯାଇଛି ବୋଲି ଜଣାଇଥିଲେ। ପରେ ଜୟପୁର ସହରର ଯେଉଁ କର ସେବକ ଭାଇମାନେ ନିଜର ତନ, ମନ, ଧନ ଦେଇ କରସେବା କରିବା ନିମନ୍ତେ ଅଯୋଧ୍ୟା ଯାଇଥିଲେ ସେମାନଙ୍କ ମଧ୍ୟରୁ ଆଜି କିଛି କରସ୍ୱେକ ଇହଧାମ ତ୍ୟାଗ କରିଛନ୍ତି। ଏମାନେ ସମ୍ପୂର୍ଣ୍ଣ ରାମମନ୍ଦିର ଆଉ ଦେଖିପାରିଲେ ନାହିଁ କିନ୍ତୁ ପ୍ରଭୁ ଶ୍ରୀ ରାମ ଏହି କରସ୍ୱେକଙ୍କୁ ତାଙ୍କ ଚରଣେ ଶରଣ ଦିଅନ୍ତୁ ଏବଂ ୧ ମିନଟ ପାଇଁ ନିରବପ୍ରାର୍ଥନା କରି କାର୍ଯକ୍ରମ କରାଯାଇଥିଲା। ତତ୍ପଶ୍ଚାତ ସମସ୍ତ କରସେବକ ନିଜ ନିଜ ଅନୁଭୂତି ପ୍ରକାଶ କରିଥିଲେ। ଶେଷରେ ବାବୁ ଭାଇ ବଜରଙ୍ଗୀ ଅଶ୍ରୁଳ କଣ୍ଠରେ ନିଜର ଅନୁଭୂତି ବଖାଣିଥିଲେ ଓ ଜୟପୁର ସହରରୁ ଅଯୋଧ୍ୟା ଯିବାକୁ ମାତ୍ର ଜଣଙ୍କୁ ସୁଯୋଗ ମିଳିଥିବା ବିଷୟରେ ଜଣାଇଥିଲେ ଓ ୧୭ ଜାନୁୟାରୀରେ ବାବୁ ଭାଇ ଅଯୋଧ୍ୟା ଯିବା ନେଇ ଏକ ସୂଚନା ପ୍ରକାଶ କରିଥିଲେ। ଶେଷରେ ସତିଶ ନନ୍ଦ ଶାନ୍ତି ପାଠ କରି ଜୟକାର ସହ ସଭା ସମାପ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଲଳିତ ଅଗ୍ରୱାଲ, ବରୁଣ ଜୈନ, ଚନ୍ଦ୍ରେଶ ରାଠୋର, ରଜନୀକାନ୍ତ ନାୟକ, ନିଖିଲ ସାହୁ, କେ. ସନ୍ତୋଷ କୁମାର, ବିଶ୍ୱନାଥ ନନ୍ଦ, ସନ୍ଦୀପ ଦଳାଇ, ସିଦ୍ଧାର୍ଥ ପାତ୍ର, ପଞ୍ଚମ ସାମନ୍ତରାୟ, ସଞ୍ଜୟ ଅଗ୍ରୱାଲା, ଜ୍ୟୋତିରଞ୍ଜନ ପାଣିଗ୍ରାହୀ।

# ଶ୍ରୀରାମପୁର ପଞ୍ଚାୟତରେ ଅର୍ପଣ ରଥର ଶୁଭାରମ୍ଭ

ବାଲେଶ୍ୱର, ୮/୧ (ନି.ପ୍ର): ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପର୍ବ ପାଇଁ ଉତ୍ସବ ମୁଖର ହୋଇଉଠିଛି ସମଗ୍ର ରାଜ୍ୟ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଜଗନ୍ନାଥ ସଂସ୍କୃତିର ପ୍ରଚାର, ସଂରକ୍ଷଣ ଏବଂ ସୁରକ୍ଷା ନିମନ୍ତେ ଜନସାଧାରଣଙ୍କୁ ଯୋଡିବାର ମୂଳ ଉଦ୍ଦେଶ୍ୟ ନେଇ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ନିମନ୍ତେ ଆଜି ବାଲେଶ୍ୱର ସଦର ବ୍ଲକସ୍ଥିତ ଶ୍ରୀରାମପୁର ପଞ୍ଚାୟତ ଅଧୀନ ମଚ୍ଛଡିହା ଗ୍ରାମରେ ଅର୍ପଣ ରଥର ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ମଚ୍ଛଡିହା ଶ୍ରୀମନ୍ଦିର ପରିସରରେ ଗ୍ରାମ ସଂକୀର୍ତ୍ତନ ମଣ୍ଡଳୀର ହରିବୋଲ ଓ ମହିଳାମାନଙ୍କ ହୁଳହୁଳି ମଧ୍ୟରେ ଅର୍ପଣ ରଥକୁ ଗ୍ରାମ ପରିକ୍ରମା କରିବା ପାଇଁ ଶହଶହ ଗ୍ରାମବାସୀଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଛି ଓ ୧୯୪୭ ମସିହାରେ ପ୍ରଥମେ ନିର୍ମିତ ଏହି ମନ୍ଦିର କିଛି ବର୍ଷ ପୂର୍ବେ ଏହାର ବର୍ତ୍ତମାନର ପରିସରକୁ ନବୀକରଣ କରାଯାଇଥିଲା । ଏହି ରଥ ଶୁଭାରମ୍ଭ ହେବା ପରେ ଉପସ୍ଥିତ ଅତିଥିବୃନ୍ଦ ଓ ଗ୍ରାମବାସୀ ପରିକ୍ରମା ପ୍ରକଳ୍ପ ପାଇଁ ରଥରେ ଅରୁଆ ଚାଉଳ ଓ ଗୁଆ ପ୍ରଦାନ କରିଥିଲେ । ପଞ୍ଚାୟତର ସବୁ ଗ୍ରାମକୁ ଏହି ରଥ ଯାଇ ପ୍ରତ୍ୟେକ ଘରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିବ ଯାହାକୁ ପରିଶେଷରେ ମହା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରକୁ ନିଆଯିବ । 'ଜୟ ଜଗନ୍ନାଥ' ଧ୍ୱନିରେ ମୁଖରିତ ହେଉଥିବା ମଚ୍ଛଡିହା ଗାଁ ଦାଣ୍ଡରେ ଆଜି ପିଲାଠୁ ବୟସ୍କ ସଭିଏଁ ଏକାଠି ହୋଇ ଶ୍ରଦ୍ଧା ଓ ଭଲପାଇବାରେ ଅର୍ପଣ ରଥକୁ ବିଦାୟ ଦେଇଛନ୍ତି । ଅର୍ପଣ ରଥର ଶୁଭାରମ୍ଭ ହୋଇଥିଲା ପାରମ୍ପରିକ ସଂକଳ୍ପ ପୂଜାରୁ ଓ ବାଲେଶ୍ୱର ସଦର ବିଧାୟକଙ୍କୁ ଯଜମାନ ସଜାଇ ରଥ ସମ୍ମୁଖରେ ସଂକଳ୍ପ ପୂଜାବିଧି କରାଇଥିଲେ ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ସୁଦୟ କୁମାର ତ୍ରିପାଠୀ। ରଥରେ ସ୍ଥାପିତ ସୁସଜ୍ଜିତ ପିତ୍ତଳ ପାତ୍ରରେ ପ୍ରଥମେ ସ୍ଥାନୀୟ ଶ୍ରୀମନ୍ଦିର ମଧ୍ୟରୁ ପୂଜା କରି ଆଣି ଅକ୍ଷତ ଓ ଗୁବାକ ଅର୍ପଣ କରି ଏ ଯାତ୍ରାର ଅୟମାରମ୍ଭ କରିଥିଲେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ ଦାସ କହିଛନ୍ତି ଯେ ଏହା କେବଳ ଏକ ରଥ ନୁହେଁ; ଏହା ବାଲେଶ୍ୱର ବାସୀଙ୍କ ଏକତା ତଥା ଓଡ଼ିଆ ଜାତିର ସାଂସ୍କୃତିକ ମୂଳ ପ୍ରତି ଆମର ପ୍ରତିବଦ୍ଧତାର ପ୍ରତୀକ ଅଟେ। କୋଟି କୋଟି ଓଡ଼ିଆଙ୍କ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରତି ଥିବା ଧାର୍ମିକ ବିଶ୍ୱାସକୁ ଗୁରୁତ୍ୱ ଦେଉଥିବା ଏବଂ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦ୍ୱାରା ଆମ ଲୋକଙ୍କ ମଧ୍ୟରେ ଏକତାର ଭାବନାକୁ ପ୍ରୋତ୍ସାହିତ କରାଉଥିବା ପରିବେଶ ସୃଷ୍ଟି ପାଇଁ ମୁଁ ଆମ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବାଲେଶ୍ୱରବାସୀଙ୍କ ତରଫରୁ ହାର୍ଦ୍ଦିକ କୃତଜ୍ଞତା ପ୍ରକାଶ କରୁଛି । ଏ ଭବ୍ୟ, ଶାଶ୍ୱତ, ନୈସର୍ଗିକ ପ୍ରକଳ୍ପ ନିର୍ମାଣ ଏବଂ ଏହାର ଲୋକାର୍ପଣ ଉତ୍ସବରେ ଏହି ରଥ ମାଧ୍ୟମରେ ଆପଣଙ୍କର ସମ୍ପୃକ୍ତିକୁ ଆପଣ କିପରି ଅନୁଭବ କରୁଛନ୍ତି ପ୍ରଶ୍ନର ଉତ୍ତରରେ ମଚ୍ଛଡିହା ଶ୍ରୀମନ୍ଦିରର ମୁଖ ପୂଜକ ପଣ୍ଡିତ ତ୍ରିପାଠୀ କହନ୍ତି,'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପ୍ରକଳ୍ପ ଓ କୃତଜ୍ଞତାର ଭାବନାରେ ମୁଁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଭଳି ଏକ ଉଚ୍ଚକୋଟୀର ଧାର୍ମିକ ଯୋଜନାର କାର୍ଯ୍ୟକାରିତା ପାଇଁ ଆମର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ମୋର ହୃଦୟରୁ ଆଶୀର୍ବାଦ ଏବଂ ଶୁଭେଚ୍ଛା ଜଣାଉଛି ।" ସେଥିପାଇଁ ସମସ୍ତ ଅଞ୍ଚଳବାସୀଙ୍କ ତରଫରୁ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ସାରା ବିଶ୍ୱରେ ଜଗନ୍ନାଥଙ୍କ ପ୍ରଚାର ଓ ପ୍ରସାର ବୃଦ୍ଧି କରିବା ନେଇ ବେଶ ଗୁରୁତ୍ୱ ରଖିଛି ବୋଲି ଶ୍ରୀ ତ୍ରିପାଠୀ ମତ ପ୍ରକାଶ କରିଥିଲେ । ଏହି ରଥ ପରିକ୍ରମା କାର୍ଯ୍ୟକ୍ରମରେ ଜଗନ୍ନାଥ ପ୍ରେମୀ ଭକ୍ତଙ୍କର ସ୍ୱୟଂ ଆକର୍ଷିତ ସମାବେଶରେ ଜିଲ୍ଲା ପରିଷଦର ସଭାପତି ଶ୍ରୀ ନାରାୟଣ ପ୍ରଧାନ, ସଦର ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସମରଜିତ୍ କର, ସଦର ବ୍ଲକ ଅଧକ୍ଷା ଶ୍ରୀମତୀ ସୁନିତା ବେହେରା, ସମିତି ସଭ୍ୟା ଶ୍ରୀମତୀ ଅନିତା ଜେନା, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଶତାଧିକ ଜଗନ୍ନାଥ ପ୍ରେମୀ ଭକ୍ତଗଣ ଉପସ୍ଥିତ ରହି ଏ ପବିତ୍ର କାର୍ଯ୍ୟର ଭାବବିହ୍ୱଳ ପୂର୍ବକ ଗୁଣଗାନ କରିଥିଲେ ଓ ସୂଚନା ଯୋଗ୍ୟ କି, ପରିକ୍ରମା ପ୍ରକଳ୍ପ ଲୋକାର୍ପଣରେ ସମସ୍ତ ଜନସାଧାରଣ ଶ୍ରୀକ୍ଷେତ୍ର ଆସିବା ସମ୍ଭବ ନଥିବାରୁ ପ୍ରତି ପରିବାରରୁ ଗୁଆ ଓ ଚାଉଳ ସଂଗ୍ରହ କରାଯାଉଅଛି ଓ ଅର୍ପଣ ରଥ ପ୍ରତ୍ୟେକ ପଞ୍ଚାୟତ ବୁଲି ଏହା ସଂଗ୍ରହ କଲା ପରେ ବ୍ଲକ୍ ରେ ଏଥି ନିମନ୍ତେ ନିୟୋଜିତ ନୋଡାଲ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବ୍ଲକର ଏକ ମନ୍ଦିରରେ ସଂଗୃହିତ ଗୁଆ ଓ ଅକ୍ଷତ ରଖାଯିବ ଏବଂ ସେଠାରୁ ଏକ ସ୍ୱତନ୍ତ୍ର ଗାଡ଼ିରେ ପୁରୀ ଅଣାଯାଇ ମହାପ୍ରଭୁଙ୍କୁ ସମର୍ପଣ କରାଯିବା।

# ୯ ତାରିଖରୁ ୨୭ ତମ ଗ୍ଲୋରୀ ଫେଷ୍ଟ ଆରମ୍ଭ

ପୁରୀ, ୮/୧ (ନି.ପ୍ର): ଚଳିତମାସ ୯ ତାରିଖରୁ ପୁରୀ ଟାଉନହଲ ଠାରେ ୨୭ତମ ଗ୍ଲୋରୀ ଫେଷ୍ଟ ଆରମ୍ଭ ହେବ । ଏଥିରେ ରାଜ୍ୟ ଓ ଜାତୀୟସ୍ତରର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିବେ । ୧୫ ଗୋଟି ବିଭାଗରେ ପ୍ରତିଯୋଗିତା କରାଯିବ । ବକ୍ତୃତା, ତର୍କ, ସାଧାରଣଜ୍ଞାନ, ଅନ୍ତାକ୍ଷରୀ, ସ୍ପଟପେଂଟିଙ୍ଗ, ରେକର୍ଡ଼ ଡ୍ୟାନ୍ସ, ଲୋକନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ, ନାଟକ, ଯନ୍ତ୍ର ସଙ୍ଗୀତ, ଲଘୁ ସଙ୍ଗୀତ,ଏକକ ଅଭିନୟ, କବିତା, ଆଙ୍କର କି ଖୋଜ ଓ ଗ୍ଲୋରୀ କୁଇନ ପାଇଁ ପ୍ରବଳ ପ୍ରତିଯୋଗିତା ହେବ । ୯ ତାରିଖ ଓ ୧୦ ତାରିଖ ଦୁଇଦିନ ଟାଉନହଲରେ ପ୍ରତିଯୋଗିତା କରାଯିବ । ୧୧ ଓ ୧୨ ତାରିଖ ଦୁଇଦିନ ସଂଧ୍ୟାରେ ପୁରୀ ବେଳାଭୂମି ଠାରେ ରଙ୍ଗୀନ ମଂଚରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ । ସବୁଠାରୁ ମୁଖ୍ୟ ଆକର୍ଷଣ ହେବ ଗ୍ଲୋରୀ କୁଇନ ଆୱାର୍ଡ଼ । ଏହା ସହ ଜାତୀୟ ସ୍ତରୀୟ ଆଲୋଚନାଚକ୍ର ବସୁଦେବ କୁଟମ୍ବ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଉଦଘାଟନୀ ସମାରୋହରେ ଉଚ୍ଚ ଶିକ୍ଷା ବିଭାଗର ସଚିବ ଅରବିନ୍ଦ ଅଗ୍ରୱାଲ, ଜିଲ୍ଲାପାଳ ସମର୍ଥ ବର୍ମା,ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ୧୦ ତାରିଖ ସଂଧ୍ୟାରେ ସଂସ୍କୃତି ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ର, କେନ୍ଦ୍ର ପର୍ଯ୍ୟଟନ ନିଗମ ଅଧକ୍ଷ ସମ୍ବିତ ପାତ୍ର ଓ ସଞ୍ଜୟ ଦାସବର୍ମା ପ୍ରମୁଖ ଯୋଗ ଦେବେ । ଏ ସଂପର୍କରେ ଆଜି ଅଠରନଳା ନିକଟ ସିନି କନଭେନସନ ଠାରେ ଅନୁଷ୍ଠାନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଭ୍ୟର୍ଥନା କମିଟିର ଅଧକ୍ଷ ତଥା ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, କାର୍ଯ୍ୟକାରୀ ଅଧକ୍ଷ ରାଜେଶ ମହାନ୍ତି, ସହ କାର୍ଯ୍ୟକାରୀ ଅଧକ୍ଷ ହରପ୍ରସାଦ ବିଶ୍ୱାଳ,ସଂଗ୍ରାମ କେଶରୀ କାନୁନଗୋ, ଉପାଧ୍ୟକ୍ଷ ରାଜେଶ ସାମଲ, ବିଦ୍ରୋହ ସିଂହ, ପୁର୍ଣ୍ଣେନ୍ଦୁ ପଟ୍ଟନାୟକ,ମନୋଜ ମହାପାତ୍ର, ସାଧାରଣ ସଂପାଦକ ଦେବେନ୍ଦ୍ର ପ୍ରସାଦ ମହାପାତ୍ର, ମୁଖପାତ୍ର ସାମ୍ବାଦିକ ପ୍ରଦ୍ୟୁମ୍ନ ସାଥୁଆ, ସୌମିତ୍ର ହରିଚନ୍ଦନ, ବରିଷ୍ଠ ସଦସ୍ୟ ସଞ୍ଜୀବ ରଥଶର୍ମାଙ୍କ ସମେତ ଅନ୍ୟ ସଭ୍ୟମାନେ ଯୋଗ ଦେଇଥିଲେ ।

## ହାତୀପଲଙ୍କ ଉତ୍ପାତରେ ଅତିଷ୍ଠ ଲୋକଙ୍କ ରାସ୍ତାରୋକ


ସୁନ୍ଦରଗଡ଼, ୮/୧ (ନି.ପ୍ର): ହାତୀପଲଙ୍କ ଉତ୍ପାତରେ ଅତିଷ୍ଠ ଲୋକ ରାସ୍ତାରୋକ କରିଛନ୍ତି । ସଦର ରେଞ୍ଜ୍ ଅନ୍ତର୍ଗତ ତେଲିଜୋର ଛକରେ ଆଖପାଖ ୫ଟି ଗ୍ରାମର ଗ୍ରାମବାସୀ ଏକାଠି ହୋଇ ରାସ୍ତାରୋକ କରିଛନ୍ତି । ସେମାନଙ୍କର ଅଭିଯୋଗ ବନ ବିଭାଗ ହାତୀ ଘଉଡ଼ାଇବାରେ ବିଫଳ ହୋଇଛି । ଯେଉଁଥିପାଇଁ ଅନେକ ସମୟରେ ଜଙ୍ଗଲି ହାତୀ ପଲ ଜନବସତି ମୁହାଁ ହେଉଛନ୍ତି । ଫସଲ ଖାଉଛନ୍ତି ବ୍ୟାପକ ଫସଲ ଦଳିଚକଟି ନଷ୍ଟ କରୁଛନ୍ତି । ଯାହାର ପ୍ରତିବାଦରେ ସେମାନେ ରାସ୍ତାରୋକ କରିଛନ୍ତି । ରାସ୍ତା ଅବରୋଧ ଫଳରେ ଓଡ଼ିଶା-ଛତିଶଗଡ଼ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଯାନବାହନ ଅଟକି ରହିଛି ।

# ସେଲ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀମାନଙ୍କ ଜୀବନସାଥୀଙ୍କ ପାଇଁ କାରଖାନା ଗସ୍ତ କାର୍ଯ୍ୟକ୍ରମ ଆୟୋଜିତ



ରାଉରକେଲା, ୮/୧ (ନି.ପ୍ର): ମାନବ ସମ୍ବଳ ପ୍ରୟାସର ଅଂଶ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା କର୍ମଚାରୀମାନଙ୍କ ଜୀବନ ସାଥିଙ୍କ ପାଇଁ 'ପ୍ରଗତିରେ ସାଥୀ' କାରଖାନା ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପ୍ରଭାବଶାଳୀ ପ୍ରଗତିର ସହଯାତ୍ରୀ ହେବା ନିମନ୍ତେ କାରଖାନାର କାର୍ଯ୍ୟ ଧାରା ଓ କାର୍ଯ୍ୟ ନିୟମାବଳୀ ବିଷୟରେ ସେମାନଙ୍କୁ ସଚେତନ କରାଇବା ଏହି ଗସ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଥିଲା। ଏହି କାର୍ଯ୍ୟକ୍ରମ ରେ ଷ୍ଟିଲ ମେଲଟିଙ୍ଗ ସପ - ୨ ବିଭାଗର ୧୫ ଜଣ କର୍ମଚାରୀଙ୍କ ସହଧର୍ମିଣୀଙ୍କୁ ଜାନୁଆରୀ ୩ ତାରିଖ ଦିନ ଷ୍ଟିଲ ମେଲଟିଙ୍ଗ ସପ -୨, ବ୍ଲାଷ୍ଟ ଫର୍ଣ୍ଣେସ-୫ ଓ ନୂତନ ପ୍ଲେଟ ମିଲ ବିଭାଗ ଗସ୍ତରେ ନିଆଯାଇଥିଲା। ଏସ ଏନ ଏସ -୨ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ଟି ପି ଶିବଶଙ୍କର ଏହାର ସ୍ୱାଗତ, ଓରିଏଣ୍ଟେସନ ଏବଂ ମତବିନିମୟ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କାର୍ମିକ ଓ କାର୍ଯ୍ୟ ବିଭାଗର ବିଭାଗର ଜିଏମ୍ ଇନ୍-ଚାର୍ଜ ଶ୍ରୀ ଧିରେନ୍ଦ୍ର ମିଶ୍ର ସମେତ ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ପରିଦର୍ଶକମାନଙ୍କୁ କାରଖାନାର ସାମଗ୍ରିକ ଚିତ୍ର ଏବଂ ସୁରକ୍ଷା ଉପରେ ଭିଡିଓ ଦେଖାଯାଇଥିଲା । ମତବିନିମୟ ଅବସରରେ ବରିଷ୍ଠ ଅଧିକାରୀମାନେ ପରିଦର୍ଶକମାନଙ୍କୁ ସେମାନଙ୍କର ଅକୁଣ୍ଠ ସହଯୋଗ ପାଇଁ କୃତଜ୍ଞତା ଜଣାଇବା ସହ କାରଖାନାର ଅଗ୍ରଗତିର ପ୍ରମୁଖ ଅଂଶୀଦାର ଭାବରେ ବର୍ଣ୍ଣନା କରିଥିଲେ । ସେମାନଙ୍କର ଜୀବନସାଥିଙ୍କୁ ସୁରକ୍ଷା ନିୟମ ଏବଂ ମାନକର ଅନୁପାଳନ ନିମନ୍ତେ ଉତ୍ସାହିତ କରିବାକୁ ବରିଷ୍ଠ ଅଧିକାରୀମାନେ ସେମାନଙ୍କୁ ଅନୁରୋଧ କରିଥିଲେ। ଏହି ପରିଦର୍ଶନ ସମୟରେ ଅତିଥିମାନଙ୍କୁ କଞ୍ଚାମାଲଠାରୁ ଆରମ୍ଭ କରି ଚୁଡାନ୍ତ ସାମଗ୍ରୀ ତିଆରି ପର୍ଯ୍ୟନ୍ତ ସଂପୂର୍ଣ୍ଣ ଇସ୍ପାତ ଉତ୍ପାଦନ ପ୍ରକ୍ରିୟା ବିଷୟରେ ସୂଚନା ଦିଆଯାଇଥିଲା। କାର୍ମିକ ବିଭାଗର ମ୍ୟାନେଜର ଶ୍ରୀ ଏସ ଗରୁଡ଼ ଏହି ଗସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜିଲ୍ଲାସ୍ତରୀୟ ଜାତୀୟ ସତକ ସୁରକ୍ଷା ସପ୍ତାହ ପାଳନ ଉଦ୍‌ଯାପିତ



ଭଦ୍ରକ, ୮/୧ (ନି.ପ୍ର): ଭଦ୍ରକ ପ୍ରଶାସନ ଆନୁକୂଲ୍ୟରେ ଜାନୁୟାରୀ ୧ ତାରିଖରୁ ଆରମ୍ଭ କରାଯାଇଥିବା ଜିଲ୍ଲାସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳନ ଉଦ୍‌ଯାପିତ ହୋଇଯାଇଛି। ସଂସଦୀୟ ସଡ଼କ ସୁରକ୍ଷା କମିଟିର ଅଧକ୍ଷ ସାଂସଦ ମଞ୍ଜୁଲତା ମଣ୍ଡଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜିଲ୍ଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ୍, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏ.ଏସ୍.ପି. ବାମଦେବ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଖଗେଶ୍ୱର ମୁର୍ମୁ କାର୍ଯ୍ୟକ୍ରମର ସଂଯୋଜନା କରିବା ସହିତ ସପ୍ତାହ ପାଳନ ଅବସରରେ ପ୍ରଥମ ଦିନରୁ ଶେଷ ଦିନ ପର୍ଯ୍ୟନ୍ତ ଆୟୋଜିତ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଓ ପଦକ୍ଷେପ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ପ୍ରଦତ୍ତ ସୂଚନା ଅନୁଯାୟୀ ୨୦୨୨ ରେ ସମୁଦାୟ ୩୩୨ ଟି ଦୁର୍ଘଟଣା ଘଟିଥିଲା ବେଳେ ୧୭୧ ଜଣଙ୍କ ମୃତ୍ୟୁ ଓ ୧୯୫ ଜଣ ଆହତ ହୋଇଥିଲେ। ୨୦୨୩ ରେ ସମୁଦାୟ ୨୯୨ ଟି ଦୁର୍ଘଟଣାରେ ୧୩୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୨୯ ଜଣଙ୍କ ଆହତ ହୋଇଥିଲେ। ବେପରୁଆ ଗାଡ଼ିଚଳନା ହିଁ ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ। ନିଶାଗ୍ରସ୍ତ ହୋଇ ଗାଡ଼ି ଚଳାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର, ଅଧିକ ଜୋରରେ ଗାଡ଼ି ଚଳନା, ହେଲେମେଟ୍ ସିଟ୍ ବେଲଟ୍ ନ ପିନ୍ଧିବା ଆଦି ଯୋଗୁଁ ଦୁର୍ଘଟଣାର ସମ୍ମୁଖୀନ ହୋଇ ଜୀବନ ଦେବା, ପଙ୍ଗୁ ହେବା ଆଦି କାରଣରୁ ନିଜର ତଥା ପରିବାରର କିପରି ଅପୂରଣୀୟ କ୍ଷତି ଘଟୁଛି ଅତିଥିମାନେ ଉଦାହରଣ ଜରିଆରେ ବକ୍ତବ୍ୟ ରଖିଥିଲେ। ଏଦିଗରେ ସଚେତନତା ଓ ରାସ୍ତାରେ ନିର୍ମାଣ ଜନିତ ତ୍ରୁଟି ସୁଧାର ପାଇଁ ପଦକ୍ଷେପ ନିଆଯିବା ସମ୍ବନ୍ଧରେ ଜିଲ୍ଲାପାଳ ଆଲୋକପାତ କରିଥିଲେ। ଏ.ଏସ୍.ପି. ଶ୍ରୀଯୁକ୍ତ ସିଂଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ଅନୁଯାୟୀ ସଡ଼ଖ ସୁରକ୍ଷା ଆଇନ୍ ଅବମାନନାରେ ୨୦୨୨ ମସିହାରେ ପୋଲିସ୍ ବିଭାଗ ଦ୍ୱାରା ୧ କୋଟି ୨୬ ଲକ୍ଷ ୭୩ ହଜାର ୬୦୦ ଟଙ୍କା, ୨୦୨୩ ମସିହା ୩ କୋଟି ୨୦ଲକ୍ଷ ୨୯ ହଜାର ୭୦୦ ଟଙ୍କା ଏବଂ ଏହି ସଡ଼କ ସୁରକ୍ଷା ସପ୍ତାହ ପାଳନ ମଧ୍ୟରେ ୯ ଲକ୍ଷ ୪୭ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି। ସପ୍ତାହ ପାଳନ ଆରମ୍ଭରେ ପଦଯାତ୍ରା, ସଚେତନତା ରଥ ଓ.ଏଲ୍.ଇ.ଡ଼ି. ଭ୍ୟାନ ପରିକ୍ରମା ସହ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ, ବନ୍ତଛକ ବସ୍‌ଷ୍ଟାଣ୍ଡରେ ଚକ୍ଷୁ ପରୀକ୍ଷା, ସଚେତନତା ଉଦ୍ଦେଶ୍ୟରେ ସ୍କୁଲ ପିଲାଙ୍କ ମଧ୍ୟରେ ପେଣ୍ଟିଂ, ସ୍ଲୋଗାନ, ବକ୍ତୃତା ଆଦ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଏନ୍.ଆର୍.ଆଇ ଓ ସେଣ୍ଟ ଜାଭିୟର ସ୍କୁଲ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ କାଦମ୍ବରୀ କରଶର୍ମା ମଞ୍ଚ ପରିଚାଳନା କରିଥିଲେ। ଏ.ଆର୍.ଟି.ଓ. ଶ୍ରୀକାନ୍ତ ଦାସ ଏବଂ ବାମଦେବ ସାହୁ, ଜୁନିୟର ଏମ୍.ଭି.ଆଇ. ସେକ୍ ଅବଦୁଲ ରହିମ୍, ଟ୍ରାଫିକ୍ ଏସ୍.ଆଇ. ଶର୍ମିଷ୍ଠା ମିଶ୍ର ପ୍ରମୁଖ ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ।

# ଅର୍ଥ ପ୍ରାପ୍ତିର ଉପାୟ

ଆପଣ ଯଦି ବିପୁଳ ଅର୍ଥର ଅଧିକାରୀ ହେବାକୁ ଚାହାନ୍ତି ତେବେ ସେଥିପାଇଁ କିଛି ଉପାୟ ରହିଛି। ଏହିସବୁ ଉପାୟ ରାଶି ଅନୁସାରେ କରାଯିବା ଉଚିତ୍। ଏହି ଉପାୟରେ ଅର୍ଥ ଲାଭ ଚିନ୍ତାରୁ ମୁକ୍ତି ମିଳିବା ସହ ଅପବ୍ୟୟରୁ ମଧ୍ୟ ରକ୍ଷା ମିଳିଥାଏ। ଗୃହରୁ ନକାରାତ୍ମକ ଶକ୍ତି ନିଷ୍କ୍ରିୟ ହୋଇ ସକାରାତ୍ମକ ଶକ୍ତି ବୃଦ୍ଧି ପାଏ। କେବଳ ଅର୍ଥପ୍ରାପ୍ତି ହୁଏନି, ପରିବାର ସଦସ୍ୟଙ୍କ କାର୍ଯ୍ୟରେ ବି ସଫଳତା ମିଳେ।

ମେଷ: ପ୍ରତିଦିନ ଘରର ଦକ୍ଷିଣ ଦିଗରେ ଖଣ୍ଡଖଣ୍ଡ ଗୁଡ଼ ରଖନ୍ତୁ। ଯେତେବେଳେ କୌଣସି କାର୍ଯ୍ୟରେ ବାହାରକୁ ଯିବାର ଥିବ ତା' ପୂର୍ବରୁ ଏହା କରନ୍ତୁ। ଏହାଦ୍ୱାରା କାର୍ଯ୍ୟରେ ପ୍ରଗତି ହେବ ତଥା ଯାତ୍ରାରେ ସଫଳତା ମିଳିବ।

ବୃଷ: ଧଳାଗାଈ ଦେଖିବ ଚାଉଳ ଖାଇବାକୁ ଦିଅନ୍ତୁ। ଏଥିରୁ ଲାଭ ମିଳିବ। ଶୁକ୍ରବାରରୁ ଏହି ପ୍ରକ୍ରିୟା ଆରମ୍ଭ କରିବା ଆବଶ୍ୟକ।

ମିଥୁନ: ବୁଧବାର ଦିନ ଗୋଟାମୁଗ ଦାନ କରିବା ସହ ସଧବାନାରୀଙ୍କୁ ସୌଭାଗ୍ୟ ସନ୍ତକ ଉପହାର ଦିଅନ୍ତୁ। ଧଳା ଗାଈକୁ ସବୁଜ ଘାସ ଖୁଆନ୍ତୁ। ଖାସ୍ କରି ସୋମବାର ଘରର ବାୟୁ କୋରେ (ପଶ୍ଚିମ ଉତ୍ତର ଦିଗ) ଟଙ୍କା ରଖିବା ଶୁଭଦାୟକ। ଏଥିରୁ ନିଶ୍ଚୟ ଲାଭ ମିଳିବ।

କର୍କଟ: ଘରର ପଶ୍ଚିମ ଦିଗରେ ପାରାଙ୍କୁ ଯଅ ଦାନା ଖାଇବାକୁ ଦିଅନ୍ତୁ। ଏହା ଅତ୍ୟନ୍ତ ଲାଭଦାୟକ। ଏହି ଉପାୟରେ ଗୃହରୁ ନକାରାତ୍ମକ ଶକକ୍ତି ନାଶ ହୋଇ ସକାରାତ୍ମକ ଶକ୍ତି ବୃଦ୍ଧି ହୋଇତାଏ। ଏହାଦ୍ୱାରା ପରିବାରରେ ଶାନ୍ତି ଓ ସଦ୍‌ଭାବ ଆସିଥାଏ।



ସିଂହ: ତମ୍ବା ଲୋଟାରେ ଜଳ ନେଇ ଘର ପୂର୍ବ ଭାଗରେ ଢ଼ାଳନ୍ତୁ ଓ ସେହି ସ୍ଥାନରେ ଦୁବଘାସ ଉଠିବା ଯାଏ ଏହି ଉପାୟ ଜାରି ରଖନ୍ତୁ। ଏହାଦ୍ୱାରା ଘରେ ଶୁଭ ଖବର ମିଳିଥାଏ ଓ ଗୁରୁଜନ ମାନଙ୍କ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହେ।

କନ୍ୟା: ଘରର ଉତ୍ତର ଦିଗରେ ଗାଈ ଚରିବାଲାଗି ସବୁଜଘାସ ଜାଗା ଛାଡନ୍ତୁ କିମ୍ବା ଘାସ ନେଇ ଖୁଆନ୍ତୁ। କୌଣସି ଭିକ୍ଷୁକଙ୍କୁ ମୁଗ ଓ ଗୁଡ଼ ଦାନ କରନ୍ତୁ। ଏହି ଉପାୟ କଲେ ଘର ଉତ୍ତର ଦିଗରେ ଲକ୍ଷ୍ମୀ ବାସ କରନ୍ତି ଓ ଏହାଦ୍ୱାରା ଅପବ୍ୟୟ ଉପରେ ଅଙ୍କୁଶ ଲାଗିଥାଏ। ଏତଦ୍‌ବ୍ୟତୀତ ଅର୍ଥପ୍ରାପ୍ତିର ପଥ ସୁଗମ ହୋଇଥାଏ।

ତୁଳା: ଶୁକ୍ରବାର ସକାଳୁ ଘରର ପଶ୍ଚିମ-ଉତ୍ତର କୋଣ(ବାୟୁକୋଣ)ରେ ଧଳା କପଡ଼ାରେ ଚାଉଳ ବାନ୍ଧି ଝୁଲାଇ ଦିଅନ୍ତୁ। ଏହାଦ୍ୱାରା ଗୃହରେ ମାଙ୍ଗଳିକ କାର୍ଯ୍ୟ ପାଇଁ ବାଟ ଆସିଯାଏ ଓ ବିବାହ କାର୍ଯ୍ୟରେ ସଫଳତା ମିଳିଥାଏ।

ବିଛା: ଘରର ଦକ୍ଷିଣ-ପୂର୍ବ କୋଣରେ ଲାଲ କପଡ଼ାରେ ଯଅ ବାନ୍ଧି ରଖନ୍ତୁ। ଏହି ଉପାୟ ଅବଲମ୍ବନ କଲେ ଗୃହକୁ କୁଶକ୍ତି ପ୍ରବେଶ କରିପାରେ ନାହିଁ। ପରିବାରରେ ପିଲା ମାନଙ୍କର ମଙ୍ଗଳ ହୁଏ ଓ ସେମାନେ ସ୍ୱାସ୍ଥ୍ୟବାନ ହୁଅନ୍ତି।

ଧନୁ: ଗୃହର ଐଶାନ୍ୟ (ଉତ୍ତର-ପୂର୍ବ) କୋଣରେ ସାଧନା ପାଇଁ ପ୍ରକୃଷ୍ଟ ସ୍ଥାନ। ସବୁବେଳେ ଏହି କୋଣରେ ଭଗବାନ ବିଷ୍ଣୁଙ୍କ ସହସ୍ରନାମ ପାଠ କରନ୍ତୁ। ଏହାଦ୍ୱାରା ପରିବାରର ସଦସ୍ୟ ରୋଗମୁକ୍ତ ହୁଅନ୍ତି ତଥା ଘରେ ପ୍ରଗତିର ବାତାବରଣ ଆସିଥାଏ।

ମକର: ଧଳା କିମ୍ବା କଳା ତୁଳସୀ ଘରର ପଶ୍ଚିମ ଦିଗରେ ଲଗାନ୍ତୁ। ଏହାଦ୍ୱାରା ଅଟକଥିବା କାର୍ଯ୍ୟ ସୁରୁଖୁରୁରେ ହୋଇଯାଏ। ମାଙ୍ଗଳିକ କାର୍ଯ୍ୟ ସହିତ ଅର୍ଥ ଲାଭ ମଧ୍ୟ ହୋଇଥାଏ।

କୁମ୍ଭ: ଗୃହର ପଶ୍ଚିମ ଉତ୍ତର ଦିଗ ସର୍ବଦା ପରିଷ୍କାର ରଖନ୍ତୁ। କେବଳ ଆବଶ୍ୟକ କାଗଜପତ୍ର ହିଁ ରଖିବା ଦରକାର। ଯଦି ଏହି କୋଣରେ ଷ୍ଟୋର୍ ରଖିଛନ୍ତି ତେବେ ତାହାକୁ ପରିବର୍ତ୍ତନ କରି ସେଠାରେ ମନିପ୍ଲାଣ୍ଟ ରଖନ୍ତୁ। ଏହାଦ୍ୱାରା ଅର୍ଥପ୍ରାପ୍ତି ହୋଇଥାଏ।

ମୀନ: ଘରର ପୂର୍ବ ଦିଗରେ ଦେବତାଙ୍କ ପୂଜା ସ୍ଥାନ ରଖନ୍ତୁ ଏବଂ ଚେଷ୍ଟା କରନ୍ତୁ ପୂଜା ସ୍ଥାନ ଓ ରୋଷେଇ ଘର ବୁଲି ସିଧାରେ ନରହୁ। ବିଶେଷକରି ଲକ୍ଷ୍ମୀନାରାୟଣ ଉପାସନାରୁ ହିଁ ଭୂମି ଓ ଅର୍ଥ ଲାଭ ହୋଇଥାଏ।

# ସିଙ୍ଗାପୁରରେ ଚୁଇଙ୍ଗମ ବିକ୍ରି ମନା

ସିଙ୍ଗାପୁରରେ ଚୁଇଙ୍ଗମ୍ ବିକ୍ରି ଉପରେ ପ୍ରତିବନ୍ଧକ ଲଗାଯାଇଛି । ସିଙ୍ଗାପୁରକୁ ସଫା ସୁତୁରା ରଖିବା ଓ ସହରସାରା ବିଭିନ୍ନ ଦାମୀ ଛବି ଲଗାଇବା, ଆଙ୍କିବା ପାଇଁ ଚୁଇଙ୍ଗମ୍ ଉପରେ ଏଭଳି ପ୍ରତିବନ୍ଧକ ସୃଷ୍ଟି କରାଯାଇଛି । ୧୯୨୨ରୁ ଏଭଳି ପଦକ୍ଷେପ ନିଆଯାଇଥିଲେ ମଧ୍ୟ କୌଣସି ପ୍ରକାରେ କାର୍ଯ୍ୟକାରୀ ହୋଇପାରୁ ନଥିଲା । ଏବେ ସିଙ୍ଗାପୁରର ସରକାର କଡାକଡି ଭାବେ ଏହି ପଦକ୍ଷେପକୁ ଲାଗୁ କରିଛନ୍ତି । ଏହି ପ୍ରସଙ୍ଗରେ ରାଷ୍ଟ୍ରୀୟ ବିକାଶ ମନ୍ତ୍ରଣାଳୟର ସଦସ୍ୟ ସଚିବ ମୋହମ୍ମଦ ମଲ୍ଲିକ, ବିନ୍ ଉସ୍ମାନ କୁହନ୍ତି, ଯଦି ଚୁଇଙ୍ଗମ୍ ଉପରୁ ପ୍ରତିବନ୍ଧକ ଉଠାଇଦେବେ ତାହେଲେ ପରିବେଶ ପ୍ରଦୂଷଣ ପରି ସମସ୍ୟାମାନ ଉତ୍କଟ ରୂପ ଧାରଣ କରିବ । ଏଥିପାଇଁ ସହରସାରା ସଫାସୁତୁରା ରଖିବା ପାଇଁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି ।

# ନିମ୍ବ କେତେ ଭଲ !

ଏବେ ନିମ୍ବକଡ଼ ଖାଇବାରେ ଋତୁ ଚାଲିଛି। ଏହି ଋତୁରେ ପର୍ଯ୍ୟାପ୍ତ ନିମ୍ବ କଡ଼ ଖାଇଥିଲେ ବର୍ଷସାରା ଚର୍ମରୋଗରୁ ମୁକ୍ତ ରହିବେ ବୋଲି ବିଶ୍ୱାସ କରାଯାଏ। ତେବେ ନିମ୍ବର ଅନେକ ଉପାକରୀ ଗୁଣ ରହିଛି। ଖାସକରି ସୌନ୍ଦର୍ଯ୍ୟ ଚିକିତ୍ସାରେ ଏହାର ବ୍ୟବହାର ବ୍ୟାପକ। କେବଳ ନିମ୍ବ ପାଣି ବି ଭାରି ଉପକାରୀ।

- ନିମ୍ବପାଣି ପିଇଲେ ଏହା କେବଳ ତ୍ୱଚା ପାଇଁ ଭଲ କାମ ଦିଏନାହିଁ, ଶରୀର ହଜମପ୍ରକ୍ରିୟାକୁ ମଧ ତ୍ୱରାନ୍ୱିତ କରିଦିଏ। କିଡ଼ନିକୁ ସୁସ୍ଥ ରଖେ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଶରୀରରୁ ସମସ୍ତ ବିଷାକ୍ତ ପଦାର୍ଥ କାଢ଼ିଦିଏ।

- ଏଥିରେ ରହିଛି ପର୍ଯ୍ୟାପ୍ତ ଆଣ୍ଟି-ଇନଫ୍ଲମେଟୋରି ତତ୍ତ୍ୱ ଯାହାଦ୍ୱାରା ତାପମାତ୍ରାରେ କିଛି ପରିବର୍ତ୍ତନ ଦ୍ୱାରା ହେଉଥିବା ଇନଫ୍ଲାମେସନ ହୁଏନାହିଁ।

- ନିମ୍ବ ପାଣିରେ ତ୍ୱଚାରେ ହେଉଥିବା କଳାଦାଗ ଆପେଆପେ ଭଲ ହୋଇଥାଏ।

- ଏଥିରେ ଥିବା ଆଣ୍ଟି - ଏଜିଙ୍ଗ ଉପକରଣ ପାଇଁ ଏହା ତ୍ୱଚାକୁ ଏକଦମ ନିର୍ମଳ ରଖେ। ବ୍ରଣ ସମସ୍ୟାରୁ ତୁରନ୍ତ ମୁକ୍ତି ଦେଇଥାଏ। ବ୍ରଣ କମିବା ପାଇଁ ଏହାକୁ ମହୁ ଏବଂ କ୍ଷୀର ସହିତ ମିଶାଇ ମାରିଲେ ଖୁବ ଭଲ ଫଳଦିଏ।

- ନିମ୍ବପାଣି ଏକ ଚମତ୍କାର ସ୍କିନଟୋନ। ଏହା ପ୍ରାକୃତିକ ମଏଶ୍ଚରାଇଜର ଭାବେ କାମ କରେ। ଏଥିରେ ଥିବା ପ୍ରଚୁର ପରିମାଣରେ ପୁଷ୍ଟିସାର ପାଇଁ ଏହା ତ୍ୱଚା ଲାଗି ଖୁବ ଉପକାରୀ।

# କେଶ ପାଇଁ ଉପଯୋଗୀ ବଜ୍ରାସନ



ବଜ୍ରାସନ ଏକ ସହଜ ଆସନ। ଯାହା ଖାସ କରି ମହିଳାମାନଙ୍କ ପାଇଁ ଉପଯୋଗୀ। ବଜ୍ରାସନ ଯେହେତୁ ଆମର ପାଚନ ଶକ୍ତି ଠିକ୍ ରଖିବାରେ ସହାୟକହୁଏ ଏଣୁ ଏହି ଆସନ କଲେ କେଶ ଝଡ଼ିବା କମିଯାଏ। ପାଚନ କ୍ରିୟା ଠିକ୍ ରହିଲେ କେଶ ସୁସ୍ଥ ରହିପାରେ ପରୀକ୍ଷାରୁ ଜଣାପଡ଼ିଛି ଯେ ପ୍ରାୟ ୩ମାସ ଧରି ଯଦି ବଜ୍ରାସନ କରାଯାଏ ତେବେ କେଶ ଉପୁଡ଼ିବା କମିଯାଇଛି।

କିପରି କରିବେ:

- ଆଣ୍ଠୁ ମାଡ଼ି ବସନ୍ତୁ। ଯେପରି ଦୁଇ ପାଦର ଗୋଇଠି ଉପରେ ଆପଣଙ୍କ ପିଚା ରହିପାରିବ।

- ହାତ ପାପୁଲିକୁ ତଳମୁହାଁ କରି ଜଂଘ ଉପରେ ରଖନ୍ତୁ।

-ଅଣ୍ଟା, ପିଠି ସମ୍ପୂର୍ଣ୍ଣ ସଳଖ ରଖନ୍ତୁ।

ଗଭୀର ଭାବେ ପ୍ରଶ୍ୱାସ ନିଅନ୍ତୁ, ନିଶ୍ୱାସ ଛାଡ଼ନ୍ତୁ।

ଏହିପରି ଭାବେ ଅନ୍ତତଃ ୬୦ରୁ ୧୨୦ସେକେଣ୍ଡ ପର୍ଯ୍ୟନ୍ତ ରହନ୍ତୁ। କ୍ରମେ ୫/୬ ଥରକୁ ବଢ଼ାଇ ୧୫/୨୦ଥର କରିପାରନ୍ତି।

# ଏଇଟ ପ୍ୟାକ ମମି




ଏଇ ପ୍ୟାକ କଥା ପଢ଼ିଲେ ସ୍ପଷ୍ଟ ମନକୁ ଆସିଥାଏ ଯେ ଏହା କେବଳ ପ୍ରଜୁଯ୍ୟ ପୁରୁଷଙ୍କ ପାଇଁ। କାରଣ ଏହାକୁ ମେଣ୍ଟେନ କରିବା କାଠିକର ପାଠ। ହେଲେ ଯଦି କେହି ଆପଣଙ୍କୁ ଏଇଟ ପ୍ୟାକ ଆନ୍ସର ମହିଳାଙ୍କ କଥା କହେ ତ ଆପଣଙ୍କର କେବେ ବିଶ୍ୱାସ ହେବନି। କିନ୍ତୁ ଏହି ଫଟୋଟିକୁ ଦେଖନ୍ତୁତ। ଏଇଟ ପ୍ୟାକରେ ଥିବା ଏହି ମହିଳାଙ୍କର ବିଶେଷତ୍ୱ ହେଲା ସେ ଗୋଟିଏ ଦୁଇଟି ନୁହେଁ ବରଂ ୫ଟି ସନ୍ତାନର ଜନନୀ। ସେ ସଦାବୋଳେ ନିଜ ବଡ଼ିକୁ ମେଣ୍ଟେନ କରି ରଖିଛନ୍ତି। କାନାଡ଼ାର ହେଲିଫେକ୍ସରେ ରହୁଥିବା ସିମେନ ଗେଟଲେଙ୍କୁ ଏବେ ୩୪ବର୍ଷ ଏବଂ ଏହି ବୟସରେ ସେ ପାଞ୍ଚଟି ସନ୍ତାନର ଜନନୀ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ତାଙ୍କ ବୁତକ ସନ୍ତାନ ୯ବର୍ଷରୁ କମ ବୟସରେ ଏବଂ ଏକ୍ସରସାଇଜ ସମୟରେ ସିମୋନୀ ତାଙ୍କ ପିଲାଙ୍କୁ ଓଜନ ଭଳି ଲିଫ୍ଟ କରାଇଥାନ୍ତି। ତାଙ୍କ କହିବା କଥା ହେଲା ପିଲାମାନଙ୍କ ସହିତ ଏକ୍ସରସାଇଜ କରି ସେ ସେମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସେ ଆହୁରି ମଧ କୁହନ୍ତି, ପ୍ରେଗନାନ୍ସୀ ପରେ ଏଭଳି ଡ୍ରିମ ବଡ଼ି ବନାଇବା ସହଜ କଥା ନୁହେଁ। ସିମୋନୀ ୫ଟି ସନ୍ତାନର ଜନନୀ ହୋଇଥିଲେ ହେଁ ଏବେବି ସେ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି ଏଥିପାଇଁ ତ ତାଙ୍କୁ ସୁପର ମଦର ବୋଲି କୁହାଯାଉଛି।

# ଚେରୀର ଗୁଣ



ବର୍ତ୍ତମାନ ବଜାରରେ ଚେରୀକୋଳିର ଚାହିଦା ରହିଛି। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କର ପ୍ରିୟ ହେଉଛି ଚେରି। ମାତ୍ର ଏହାର ଉପକାର ବଷୟରେ ବହୁ କମ ଲୋକ ଜାଣିଛନ୍ତି। ଏଥିରେ ବହୁ ପିରମାଣରେ ଆଣ୍ଟିଅକ୍ସିଡାଣ୍ଟ, ପ୍ରୋଟିନ ଏବଂ ଭିଟାମିନ ଏ, ବି ଓ ସି ରହିଛି। ତେଣୁ ଚେରୀକୁ ସୁପର ଫୁଡ୍ ବୋଲି କୁହାଯାଇଥାଏ। ଚେରୀ ଦେଖିବାକୁ ଯେପରି ସୁନ୍ଦର ଏହାର ଗୁଣ ମଧ ନିଆରା। ଏହା ଶରୀର ବ୍ଲଡ଼ସୁଗାର ସ୍ତର ନିୟନ୍ତ୍ରିତ କରାଇଥାଏ। ଏହା ବ୍ୟତୀତ ଚେରୀକୁ ସବୁଦିନ ଖାଇବା ଦ୍ୱାରା ହୃଦଘାତ ଏବଂ କ୍ୟାନସର ଭଳି ରୋଗ ହେବାର ସମ୍ଭାବନା କମ ରହିଥାଏ। ଏଥିରେ ବହୁ ମାତ୍ରାରେ ଭିଟାମିନ ସି ଥିବା ହେତୁ ଶରୀର ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୁତ କରିଥାଏ। ଏହାକୁ ଜୁସ କରି ପିଇବା ଦ୍ୱାରା ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ନାଇଟ୍ରିଡ଼ ଅକସାଇଡ଼ ସ୍ତର ହ୍ରାସ କରିଥାଏ।

# ଡିନର ପାଇଁ ସବୁଠୁଁ ଭଲ



ଆପଣ ଡିନର ପାଇଁ କେଉଁଠିକି ଯିବାକୁ ପସନ୍ଦ କରିବେ ? ଆଜି ଆସନ୍ତୁ ଏପରି ଏକ ହୋଟେଲ ବିଷୟରେ ଜାଣିବା ଯେଉଁଠିକୁ କେବଳ ବୋଟ୍‌ରେ ହିଁ ଯାଇହେବ। ସ୍ଥାନଟି ହେଉଛି ତାଞ୍ଜାନିଆର ଜଞ୍ଜିବର ଆଇଲାଣ୍ଡ। ଏହି ଆଇଲାଣ୍ଡରେ ରହିଛି ଏମିତି ଏକ ରେଷ୍ଟୁରାଣ୍ଟ ଏଠାରୁ ଆପଣ ଯଦି ଥରେ ଆସିବେ ତ ଛାଡ଼ି ଯିବାକୁ ଇଚ୍ଛା ହେବନି। ଜାଞ୍ଜିବର ଆଇଲାଣ୍ଡରେ ରହିଛି ଏକ ହୋଟେଲ, ଯାହା ନାମ ରକ ରେଷ୍ଟୁରାଣ୍ଟ। ଏହା ସମୁଦ୍ର କୂଳଠାରୁ କିଛି ଦୂରରେ ବା ସମୁଦ୍ର ମଧ୍ୟରେ ଅବସ୍ଥିତ। ଖଣ୍ଡେ ପଥର ଦେହରେ ତିଆରି କରାଯାଇଥିବା ଏହି ହୋଟେଲକୁ ଜୁଆର ବେଳେ ଡଙ୍ଗାରେ ଯିବାକୁ ପଡ଼ିଥାଏ ବାକି ସମୟ ଅଳ୍ପ ପାଣିରେ ଚାଲିକି ଯାଇହେବ। ଟୁରିଷ୍ଟଙ୍କ ପାଇଁ ରକ ରେଷ୍ଟୁରାଣ୍ଟ ପ୍ରଥମ ପସନ୍ଦ ଭାବେ ରହିଛି।

# ଓଃ ! ଏସିଡିଟି !!



ଏସିଡିଟି ବା ଅମ୍ଳଦୋଷ ଏବେ ଅସୁସ୍ଥତାର ଏକ ସାଧାରଣ କାରଣ ହୋଇଗଲାଣି। ଏହା ଯେକୌଣସି ସମୟରେ ଯେକୌଣସି ସ୍ଥାନରେ ଆପଣଙ୍କୁ ଅସୁବିଧାରେ ପକାଇଦେଇପାରେ। ଖାଇବା କିମ୍ବା ପାଣି ପିଇବାରେ ସାମାନ୍ୟ ଅସୁବିଧା ହେଲେ ଏହା ଆକ୍ରାନ୍ତ କରିଥାଏ। ପେଟ ଓ ଛାତିରେ ଯନ୍ତ୍ରଣା ହେବା ସଙ୍ଗେ ସଙ୍ଗେ ଭାରି ମାନ୍ଦାମାନ୍ଦା ଲାଗେ। ଯଦି ଆପଣଙ୍କୁ ପ୍ରାୟ ଏସିଡିଟି ସମସ୍ୟାର ସାମନା କରିବାକୁ ହେଉଛି ତ ଜାଣିରଖନ୍ତୁ ଚିକିତ୍ସାରେ କିଛି ସହଜ ଉପାୟ...

- ଏସିଡିଟିରେ ପ୍ରତିକାର ପାଇଁ ତୁଳସୀ ପତ୍ର ଭାରି ଲାଭଦାୟକ। ଏହାକୁ ସିଧାସଳଖ ଚୋବାଇପାରିବେ ନଚେତ ପାଣିରେ ପକାଇ କିଛି ସମୟ ଫୁଟାଇବା ପରେ ଅଳ୍ପ ଉଷୁମ ରଖି ଏହାକୁ ପିଇବେ।

- ଲବଙ୍ଗ ଏମିତି ଆମେ ମୁଖ ସୁଗନ୍ଧ ପାଇଁ ଖାଇଥାଉ। ହେଲେ ଏହାକୁ ଖାଇଲେ ପେଟରେ ହାଇଡ୍ରୋକ୍ଲୋରିକ ସ୍ତର ବୃଦ୍ଧି ପାଇବ ଏବଂ ଅମ୍ଳଯନ୍ତ୍ରଣାରୁ ତୁରନ୍ତ ମୁକ୍ତି ମିଳିପାରିବ।

- କଦଳୀରେ ରହିଛି ପଟାସିୟମ ଯାହା ଅମ୍ଳ ପ୍ରତିକାର ପାଇଁ ଖୁବ ଉପକାରୀ। ଅମ୍ଳ ଦ୍ୱାରା ହେଉଥିବା କ୍ଷତକୁ ଏହା ଅଳ୍ପକେ ନିୟନ୍ତ୍ରଣ କରିଦେବ। ତେଲମସଲା ପରି କିଛି ଗରିଷ୍ଠ ଖାଦ୍ୟ ଖାଇଥିଲେ ଗୋଟିଏ କଦଳୀର ଖାଇଦିଅନ୍ତୁ। ଆରାମ ଲାଗିବ।

- ଗୋଟିଏ ଗ୍ଲାସ୍ ଥଣ୍ଡା କ୍ଷୀର ବି ଖୁବ ଭଲ କାମଦେଇଥାଏ। କ୍ଷୀରରେ ଥିବା କ୍ୟାଲସିୟମ ଶରୀରରେ ଥିବା ଅତିରିକ୍ତ ଏସିଡ଼ ବାହାର କରିଦେବ।

ପୋଦିନା ପତ୍ର ପେଟରେ ଏସିଡ଼ ସୃଷ୍ଟି କମାଇଦେବ। ସଙ୍ଗେ ସଙ୍ଗେ ହଜମକ୍ରିୟାରେ ସହାୟକ ହୋଇଥାଏ। ପୋଦିନା ପତ୍ରକୁ ଚୋବାଇପାରିବେ ନଚେତ ପାଣିରେ ପକାଇ ଫୁଟାଇ ପଇପାରିବେ।

- ଅଦା କେବଳ ହଜମକ୍ରିୟା ବୃଦ୍ଧି କରିନଥାଏ ବରଂ ଅଳସର ହେବାକୁ ଦେଇନଥାଏ ଏବଂ ଅମ୍ଳଦୋଷ କାଟିଦିଏ।




# ଶୀତରେ ପୌଷ ମାଘ ମାସ

## ପ୍ରେମାନନ୍ଦ ପାଣିଗ୍ରାହୀ



କବିଙ୍କ ଭାଷାରେ -ଶୀତରେ ପୌଷ, ମାଘ ମାସ ; ଦେହରେ ରଖ ଶୀତ ବାସ । ଚାନ୍ଦ୍ରମାନ ମାସ ଗଣନାନୁଯାୟୀ ପୁଷ୍ୟା ନକ୍ଷତ୍ର ଯୁକ୍ତ ମାସ ପୌଷ । ପୌଷ ମାସରେ ସୂର୍ଯ୍ୟ ଧନୁ ରାଶିରେ ପ୍ରବେଶ କରିଥାନ୍ତି । ଶୀତ ଋତୁ ଏହି ମାସରେ ତାର କାୟା ବିସ୍ତାର କରିଥାଏ । ଏଇ କିଛି ଦିନ ହେବ ଜୋର ଧରିଛି । ଶୀତର ପରାକ୍ରମରେ ଥରୁଛି ସାରା ଓଡିଶା । ଚାରିଆଡେ ଏବେ ଶୀତର ରାଜୁତି । ଭାରତର ମାଉଣ୍ଟଆବୁ ଠାରୁ ବିକାନୀର,ଜାମ୍ମୁରୁ ଚଣ୍ଡିଗଡ,ଦାରିଙ୍ଗିବାଡିରୁ ବଣେଇ ଶୀତରେ ସାଧାରଣ ଜୀବନଯାତ୍ରା ସମ୍ମୁଖୀନ କରୁଛି ଅସ୍ୱାଭାବିକ ସ୍ଥିତିକୁ । ଏକ ନିର୍ଦ୍ଦିଷ୍ଟଅନୁଭବ ନେଇ ଶୀତ ଆସିଛି । ଚାରିଆଡେ ନାହିଁନଥିବା ଜାଡ । ଜାଡରେ ଜଡସଡ ହୋଇ ଯାଉଛି ଜୀବନ । ସକାଳ ଲାଗୁଛି ଖାଁ ଖାଁ । ରାତିର ପରମାୟୁ ବଢିଛି । ସଞ୍ଜ ହେଉହେଉ ଚାରିଆଡେ ନିଶୂନ ହୋଇଯାଉଛି । ଶୀତ ଅପେକ୍ଷା ଶୀତୁଆ ବାଆ ବ୍ୟସ୍ତ କରିଦେଉଛି ଜନଜୀବନକୁ । ସୁଲୁସୁଲିଆ ପବନ ସାଙ୍ଗକୁ କୁହୁକୁନି କୁହୁଡିର ଘନ ଆସ୍ତରଣ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ପ୍ରସ୍ଫୁଟିତ କରୁଛି । ସକାଳ ଓ ସନ୍ଧ୍ୟା ସମୟକୁ ବିମୋହିତ କରୁଛି ସୂର୍ଯ୍ୟଙ୍କର କଅଁଳ କିରଣ । ଶୀତ,କାକର ଓ କୁହୁଡିର ସଙ୍ଗମ ହୁଏ ଏ ଶୀତ ଋତୁରେ ।

ପ୍ରତ୍ୟେକ ଋତୁରେ ପ୍ରକୃତି ଓ ତାର ପ୍ରଭାବ ଭିନ୍ନ ଭିନ୍ନ ହୋଇଥାଏ । ଧରା ପୃଷ୍ଠରେ ଦେଖାଯାଉଥିବା ଷଡ ଋତୁ ମଧ୍ୟରୁ ଆମେ ସାଧାରଣତଃ ଚାରିଟି ଋତୁର ଅବସ୍ଥିତିକୁ ଅନୁଭବ କରୁ । ସେହି ଋତୁଗୁଡିକ ଗ୍ରୀଷ୍ମ,ବର୍ଷା,ଶୀତ ଓ ବସନ୍ତ । ଶରତ, ହେମନ୍ତ କେବେ ଆସି କେବେ ଚାଲି ଯାଉଛନ୍ତି ତାହା ଅନୁଭବ କରିହେଉନାହିଁ । ତେବେ ଶୀତ ଋତୁ ପ୍ରକୃତି ରାଣୀର ସର୍ବଶ୍ରେଷ୍ଠ ଋତୁ । ତୁଷାର ଆଉ କୁହେଳିକାର ଏକ ଶ୍ୱେତ ବସ୍ତ୍ର ପରିଧାନ କରିଥିବା ଶୀତର ଆଗମନରେ ସୁନ୍ଦର ହୋଇଉଠିଛି ବସୁଧା । ପ୍ରକୃତିର ପଣତ କାନିରୁ ଝରିପଡୁଛି ଠପ୍‌ଠପ୍ କାକର ବିନ୍ଦୁ । କୁହୁଡି ଘେରା ସକାଳରେ ସୋରିଷ କ୍ଷେତରେ ଜ୍ୟୋତ୍ସ୍ନାଭିଜା ଫୁଲର ସମ୍ଭାର ସ୍ୱର୍ଣ୍ଣାଭ ଗାଲିଚାର ଭ୍ରମ ସୃଷ୍ଟି କରୁଛି ଆଉ ତାର ଶୀତୁଆ ପବନ ଦେହରେ ଶୀତଳତା ଭରିଦେବା ସହ ମନରେ ଭରିଦେଉଛି ଉଷ୍ମତା । ନାନା ପ୍ରକାର ଫଳ, ଫୁଲ, ଶାଗ, ସବୁଜିମାର ସମ୍ଭାରରେ ପରିବେଶ ହୋଇଉଠିଛି ମନୋମୁଗ୍ଧକର । ଋତୁରାଜ ବସନ୍ତର ସ୍ୱାଗତ ପାଇଁ ସମସ୍ତ ପ୍ରସ୍ତୁତି କରୁଛି ଶୀତ ।

ଗ୍ରୀକ୍ ପୁରାଣ କାହାଣୀ ଅନୁଯାୟୀ ଗ୍ରୀସ୍ ଦେଶର ଅନିନ୍ଦ୍ୟ ସୁନ୍ଦରୀ ପରସିଫୋନଙ୍କ ସୌନ୍ଦର୍ଯ୍ୟ ଯୁବରାଜ ହାଡେସଙ୍କୁ ଆକୃଷ୍ଟ କରିଥିଲା । ପରସିଫୋନଙ୍କୁ ପତ୍ନୀ ରୂପରେ ପାଇବା ପାଇଁ ହାଡେସ ବହୁ ଚେଷ୍ଟା କରି ବିଫଳ ହେବାରୁ ତାଙ୍କୁ ଅପହରଣ କରିନେଲେ । କନ୍ୟାର ଅପହରଣ ସମ୍ବାଦ ଶୁଣି ପରସିଫୋନଙ୍କ ମାଆ ତଥା ମର୍ତ୍ତ୍ୟର ଦେବୀ ଡିମିଟାର ଅତ୍ୟନ୍ତ ଦୁଃଖିତ ହେଲେ ଓ କନ୍ୟାର ମୁକ୍ତି ପାଇଁ ସେ ସମ୍ରାଟ ଜିଅସଙ୍କୁ ନିବେଦନ କଲେ । ହାଡେସଙ୍କର ପରସିଫୋନଙ୍କ ପ୍ରତି ଥିବା ଗଭୀର ଭଲ ପାଇବା ଦେଖି ସମ୍ରାଟଙ୍କ ହୃଦୟ ତରଳି ଗଲା । ଡିମିଟାର ମଧ୍ୟ କନ୍ୟାକୁ ନିଜଠାରୁ ଦୂରରେ ରଖିବାକୁ ଚାହୁଁନଥିଲେ । ତେଣୁ ସମ୍ରାଟ ଜିୟସ୍ କେଉଁ ଆଦେଶ ଦେବେ ସିଦ୍ଧାନ୍ତରେ ପହଞ୍ଚି ପାରିଲେ ନାହିଁ । ମନ୍ତ୍ରୀପରିଷଦ ସହ ବିଚାରବିମର୍ଷ କରି ସେ ନିଷ୍ପତ୍ତି ଘୋଷଣା କଲେ ଯେ ପରସିଫୋନ ବର୍ଷକ ମଧ୍ୟରୁ ଛଅ ମାସ ସ୍ୱାମୀ ହାଡେସଙ୍କ ନିକଟରେ ଓ ।ନ୍ୟ ଛଅମାସ ମାଆ ଡିମିଟାରଙ୍କ ନିକଟରେ ରହିବେ । ସମ୍ରାଟଙ୍କ ଘୋଷଣା ଅନୁଯାୟୀ ପରସିଫୋନ ଯେଉଁ ଛଅମାସ ତାଙ୍କ ମାଆଙ୍କଠାରୁ ଦୂରରେ ରହୁଥିଲେ ସେହି ସମୟତକ ମର୍ତ୍ତ୍ୟ ଦେବୀ ପରସିଫୋନ ଉଦାସ ରହୁଥିଲେ । ତେଣୁ ପୃଥିବୀରେ ଶୀତଋତୁ ପ୍ରବାହିତ ହେଲା ।

ଏସିଆ ମହାଦେଶର ସର୍ବବୃହତ ପ୍ରାକୃତିକ ଲବଣାକ୍ତ ହ୍ରଦ ହେଉଛି ମରାଳ ମାଳିନୀ ନୀଳାମ୍ବୁ ଚିଲିକା । ଏହାର ସମ୍ମୋହନରେ ଆକର୍ଷିତ ହୋଇ ଶୀତ ଋତୁରେ ପ୍ରବଳ ହିମ ପ୍ରବାହ ଓ ଅସହ୍ୟ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ସୁଦୂର ବରଫାବୃତ ସାଇବେରିଆ, କାଜାକସ୍ଥାନ, ମଙ୍ଗୋଲିଆ, ଲଦାଖ ଆଦି ଅଞ୍ଚଳରୁ ଦୀର୍ଘପଥ ଅତିକ୍ରମ କରିଆସନ୍ତି ବିଭିନ୍ନ ପ୍ରଜାତିର ରଙ୍ଗ ବେରଙ୍ଗର ପକ୍ଷୀ । ପ୍ରାୟତଃ ଅକ୍ଟୋବର ଶେଷାର୍ଦ୍ଧରେ ଶୀତ ପଡିବା ମାତ୍ରେ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥାଏ । ବେଶ୍ ତିନି ଚାରି ମାସ ଏଠାରେ ରହିବା ପରେ ଯିଏ ଯାହା ସ୍ଥାନକୁ ଚାଲିଯାଆନ୍ତି । କେତେକ ପକ୍ଷୀ ମଧ୍ୟ ଚିଲିକାକୁ ନିଜର ବାସସ୍ଥଳୀ ଭାବେ ଆପଣାଇ ନିଅନ୍ତି । ଚିଲିକା ହ୍ରଦ କୂଳର ଉତ୍ତାପ ଶୀତଋତୁରେ ୧୪ ଡିଗ୍ରୀ ସେଣ୍ଟିଗ୍ରେଡ ରହୁଥିବାରୁ ଓ ବିଭିନ୍ନ ପ୍ରକାରର ଦଳ, ଜଳଜ ଉଦ୍ଭିଦ, ପୋକଜୋକ ଏଠାରେ ପ୍ରବଳ ମାତ୍ରାରେ ଥିବାରୁ ଶୀତଋତୁରେ ଚିଲିକା ପାଲଟି ଯାଏ ପକ୍ଷୀ ତୀର୍ଥ । ଚିଲିକାର ସୋଭାକୁ ବଢାଉଥିବା ଏହି ବିଦେଶୀ ପକ୍ଷୀଙ୍କ କଳରବରେ ମୁଖରିତ ହୋଇଉଠେ ଚିଲିକା । ପ୍ରବାସୀ ପକ୍ଷୀମାନଙ୍କୁ ଦେଖିବା ପାଇଁ ପର୍ଯ୍ୟଟକ, ସୌନ୍ଦର୍ଯ୍ୟ ପିପାସୁ, ପରିବେଶବିତମାନଙ୍କ ଧାଡି ଲାଗିଥାଏ ଚିଲିକାକୁ ।

ଶୀତଋତୁରେ ନଭେମ୍ବର ମାସରୁ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଯାଏ । ଶୀତ ଦିନିଆ ଥଣ୍ଡା ଥଣ୍ଡା ପାଗ,ଏକ ଦୂର ସ୍ଥାନ ଭ୍ରମଣ, ସାଙ୍ଗସାଥୀ ଆଉ ଭୋଜିଭାତ-ସତରେ ଏକ ନିଆରା ଅନୁଭବ ! ଟିକିଏ ଖୁସି ଓ ଟିକିଏ ଆନନ୍ଦ ପାଇବା ପାଇଁ ବୁଲାବୁଲି ଓ ଖାଇବା ପିଇବା ପାଇଁ ଏହି ସମୟରେ ସମସ୍ତେ ଆଗ୍ରହ ଦେଖାଇଥାନ୍ତି । ମଣିଷ ସବୁବେଳେ ପ୍ରକୃତିକୁ ଭଲ ପାଏ । ବନ, ମାଳ, ପାହାଡ, ପର୍ବତ ତା ଭିତରେ ବିବିନ୍ନ ପ୍ରକାର ପଶୁପକ୍ଷୀଙ୍କୁ ଦେଖିବାକୁ ମଣିଷର ଅଦମ୍ୟ ଆଗ୍ରହ । ମନୁଷ୍ୟକୁ ଶାନ୍ତି ଓ ନୈସର୍ଗିକ ଆନନ୍ଦ ଦେବା ପାଇଁ ଓଡିଶାରେ ଭରି ରହିଛି ପର୍ଯ୍ୟଟନର ଅସରନ୍ତି ଭଣ୍ଡାର । ଏସବୁକୁ ଉପଭୋଗ କରିବାସହ ନଦୀ, ଝରଣା କୂଳରେ ବଣଭୋଜି କରି ଆନନ୍ଦ ପାଇବାକୁ ବ୍ୟାକୁଳ ହୋଇଉଠନ୍ତି ସମସ୍ତେ ।

ପାରମ୍ପରିକ ଓଡିଆ ଖାଦ୍ୟ ତାଲିକାରେ କାଂଜି ବା ଆମ୍ବିଳ ଏକ ପୁରୁଣା ବ୍ୟଞ୍ଜନ । ଶୀତଋତୁରେ ପ୍ରାୟ ଓଡିଆଙ୍କ ଘରେ ଦେଶୀ ସୁପ୍ କାଞ୍ଜିର ଚାହିଦା ଦେଖିବାକୁ ମିଳିଥାଏ । ଭାତ ରାନ୍ଧିସାରି ତାକୁ ପଖାଳି ସେହି ତୋରାଣିକୁ କ୍ରମାଗତ ଦୁଇ ତିନି ଦିନ ଧରି ସଂଗୃହିତ କରି ସେଥିରେ ହଳଦୀ, ଲୁଣ, ସାରୁ, ମୂଳା, ପାଳଙ୍ଗ ଶାଗ, ଭେଣ୍ଡି, କଖାରୁ, ଭୃସଙ୍ଗ ପତ୍ରକୁ ଫୁଟାଇ କାଞ୍ଜି ପ୍ରସ୍ତୁତ ହୁଏ । ଏହି ଦେଶୀ ସୁପ୍ ସମସ୍ତଙ୍କର ପ୍ରିୟ । ଉଷୁମ ତିବା ଅବସ୍ଥାରେ ଭାତ ସହିତ ବା ଖାଇସାରିବା ପରେ ଏହାକୁ ପିଆ୍ଏ । ଶୀତଋତୁରେ ଏହାକୁ ପିଇଲେ ଚର୍ମରୋଗରୁ ମୁକ୍ତି ମିଳେ ଓ ହଜମଶକ୍ତି କ୍ଷୀପ୍ର ହୁଏ ।

ଭୁଷଳ,ଭୁବନ,ଢେଙ୍କାନାଳ
ମୋ: ୯୪୩୭୭୨୯୩୮୪

## ହୋମ୍‌ପାଇପ୍‌ରେ ଶୀତଫୁଲ
### ରାଧାରଂଜନ ପଟ୍ଟନାୟକ



॥ ଏକ ॥
ମେଘ ଆକାଶର ମାଘର ରାତି
ହୋମ୍‌ପାଇପ୍‌ରେ ଶୀତଫୁଲ
ଫୁଙ୍ଗୁଳା ଦେହରେ ଆଙ୍କୁଥିଲା
ଜୀବନ ଜ୍ୟାମିତି ।
ଷୋଳପଣ ପ୍ରୀତି/ଆଠପଣ ରତି
ଚାରିପଣ ଭୀତି/ ସହଜ କଥାରେ
ଭାଙ୍ଗିପଡ଼େ ପ୍ରତ୍ୟୟ ଯେମିତି ।

॥ ଦୁଇ ॥
ସାବ୍‌ଜା ପତ୍ରଫାଙ୍କରୁ ନିରଂଶୁ ନିହାର
ବିଛାଇ ଦେଇଥିଲା ଛାଇଜାମା
ଅସତର୍କ ଶୀତଫୁଲମାନେ ଗାଉଥିଲେ
ଶୀତଗୀତ / ଜୀଇଁବାର ନବାର୍ଥରେ
ଟଳମଳ ଆଖି ନିଶାତ ପରି
ଏକ୍‌ଲାପଣର ଗାଥା/ କଥା
ସୁବର୍ଣ୍ଣ ଖରାର ତାତି ।

॥ ତିନି ॥
ଏବେ ମୋ ଭାବନାର ବର୍ଣ୍ଣବୋଧରେ
ବିସ୍ମୟର ବର୍ଣ୍ଣମାଳା/ ବୁନ୍ଦାବୁନ୍ଦା କରୁଣ କାକର
ଲୁହ ହୋଇ ଚହଲିଛି/ ପାପର ଆକାଶ ତଳେ
ପାହାଡ଼ ତଳ ବସ୍ତିର ଦେହହାଟ
ନିଲାମ ଏଠି ସ୍ତନ ଓ ଜଘନ
ଶୀତଫୁଲ ପାଲଟିଯାଆନ୍ତି କସବୀକହ୍ଲାର
ମହୁମାଛି ସଂକ୍ରମିତ ରକ୍ତଝରାର କ୍ଷତାକ୍ତ ଛାତି ।

॥ ଚାରି ॥
ଶୀତଫୁଲକୁ ପୂଜିବାର ଲଗ୍ନା/ପ୍ରେମ ଯେତେ
ପ୍ରକୃତିର ମଗ୍ନ/ ଦିଲ୍ଲୀ ଅବା ପିପିଲି
ବିପର୍ଯ୍ୟସ୍ତ ଶୀତଫୁଲ/ଅନାଦାର ଚିତ୍ରଖାତା ପରି
ପଡ଼ିରହେ କେଉଁ ଏକ ଆର୍ଟ ଗ୍ୟାଲେରୀର
ଆଲୋଡ଼ା ଥାକରେ/ ଝରିପଡ଼ିଥିବା ଫୁଲର
ଅନାବୃତ ଦେହର ଦେହାଂଶ
ଦୁଃଶାସନ ଆଖିଙ୍କର ଦଙ୍ଗା/ ଯେତେସବୁ
ଅସନା ଅଭ୍ୟାସ/ ଯେମିତି ରୂପାର ଦା'ଜହ୍ନ
କାଟୁଥାଏ ରାତି ।

॥ ପାଞ୍ଚ ॥
ଶୀତଫୁଲ ସହ ତରଳୁଥିବା ବରଫର
କୋହଲା ପବନ
ମଠର ମହନ୍ତମାନେ ପାଲଟିଯାଆନ୍ତି
ଜଣେଜଣେ କାମାନ୍ଧ ରାବଣ/ ଅବଶିଷ୍ଟ ରଫୁକରା
ସତୀତ୍ୱକୁ ନେଇ/କାନୁନ୍‌ର କାଠଗଡ଼ାରେ
ଛିଡ଼ା ହୋଇଥାନ୍ତି ଦାମିନୀମାନେ/ ହୋଇଯାଆନ୍ତି
ନୀରବ,ନିର୍ବାକ୍, ନିଷ୍ପ୍ରାଣ
ସିଏ ରାଜା ପୁଅ/ମନ୍ତ୍ରୀ ପୁଅ/ ଆଇ.ଏ.ଏସ. ପୁଅ
ସେ ତ ସହଜେ କାର୍ଯ୍ୟରତ
ମାଳି ଅବା କଟୁଆଳ
ଆକାଶର ଭଦ୍ରଜହ୍ନ ସର୍କାରୀ ଅମାତ୍ୟ ।

ସଲ୍ଟରୋଡ଼, ବାଲେଶ୍ୱର



## ଶୀତ ! ତମେ ଭାରି ଇଏ..
### ଡ଼ ଶ୍ରୀଧର ସାମଲ



ତୁମ ଗାଁ ବାଟେ ଶୀତ
ଯେବେଆସେ
କୁହୁଡି ଉଡେଇ ପଣତ ଛାଟି,
ଆମ ଗାଁ ଆଖିରୁ ନିଦ ହଜିଯାଏ
ଭିଜାଭିଜା ସ୍ମୃତି ଅଧୁରା ରାତି।

ଶିଶିର ଆସନ୍ତେ ନିଶୀଥିନୀ
କୋଳେ
ମିଳନ ଅଧିର ଉଚ୍ଛୁର ବେଳ,
ଗହୀର ବିଲରେ ସୋରିଷ
କ୍ଷେତରେ
ହସର ଜୁଆର ବିଭୋର କାଳ।

ଅଳସ ଆଖିରେ ସ୍ୱପ୍ନ ଅସୁମାରୀ
ତମସା ବିଧୁର ଭ୍ରମିତ ମତି,
ଶୀତ ଶିହରଣ ମନ ହୁତାଶନ
ସୁସ୍ୱାଦୁ ବ୍ୟଞ୍ଜନ ଦେହରେ ତାତି।

ସ୍ନିଗ୍ଧ ଅଭିସାର ରାତ୍ର ଉଜାଗର
ଓଦା ସରସର ହୃଦକମ୍ପନ,
ସନ୍ତାପିତ ପ୍ରାଣ ଚିତ୍ତ ବିନୋଦନ
ଘନ ଅନ୍ଧକାରେ ସ୍ମୃତି ମନ୍ଥନ।

ବିନ୍ଦୁ ବିନ୍ଦୁ ଜଳ ତୁଷାର ଧବଳ
ଅଧର ଶୀତଳ ମନୋରଞ୍ଜନ,
ଶୟନେ ସପନେ ଅବା ଜାଗରଣେ
ଅଭିସାରିକାର ମାନଭଞ୍ଜନ।

ପ୍ରାଣ ସଜନୀରେ ! ଏ ଶିଶିର କାଳ
ହୃଦ ବିଦାରକ ଚିତ୍ତ ରଂଜନ,
ଶିଥିଳ ଦେହରେ ସପନ ତରଙ୍ଗ
ମନ ବୃନ୍ଦାବନେ ରଚେ ସ୍ପନ୍ଦନ।

ସମ୍ପାଦକ: ମୌସୁମୀ,
କଜଳା, କେନ୍ଦ୍ରାପଡା

## ଶୀତ ନିଶୀଥର ଜହ୍ନ
### ପ୍ରଦୋଷ କୁମାର ଦାସ

ନୀଳ ନିର୍ମଳ ଆକାଶର ଶଶି
ଦିଶଇ ଅପୂର୍ବ ସୁନ୍ଦର।
ଦୂର ବେପଥରୁ ମାଳ ମାଳ ତାରା
ତରାଟି ଅଛନ୍ତି,
ଦେବେ ପରା ସହକାର।
ଶୀତର ଜାଡରେ
ଝରିପଡୁଅଛି ରାତିର ଶିଶିର।
ଦୁବ ଠାରୁ ଦ୍ରୁମ ଯାଏ
ନିରବ ନିସ୍ପନ୍ଦ, ଜୋଛନା ବିଧୈ।ତ
ଧରି ମୁକୁଳା ଶରୀର।
ପ୍ରେମାସ୍ୱଦେ ରହିଛନ୍ତି ପରା
ଗୋଟାପଣେ ସବୁ ଓଦା ସରସର !
ଜହ୍ନର ଜୋଛନା ମଲମ ପରାଏ
ଜାଡର ଯାତନାକୁ କରେ ଅବାନ୍ତର ।

ସହସା ଆଲୁଅ ସହସା ଅନ୍ଧାର
ଭ୍ରମିତ କରାଏ, ଭାସି ବାରିଧର।
ଖର ପବନରେ ମେଘମାଳା ଧାଏଁ
ଦୂର ଦିଗନ୍ତର।
ମେଘ ଆଢୁଆଳେ ଜହ୍ନ ଲୁଚିଯାଏ,
ଘୋଟିଯାଏ ଅନ୍ଧାକାର।
ଶୀତ ରାତିର ଆସର
କ୍ରମେ ହୁଏ ଘନଘୋର।
ନିଶ୍ୱାସ ପ୍ରଶ୍ୱାସ ହୋଇଚାଲେ ଖର।
ଜାଡ ନିଶୀଥର ଜନ୍ତଣା ଜର୍ଜର
ଦେହ ଓ ଜୀବନେ
ବହ୍ନି ଖେଳେ ଅଭ୍ୟନ୍ତର।
ଉଦବେଳିତ ହୁଏ ହୃଦ ପାରାବାର।
ଭିଜେ ତଟ ଭୁଇଁ, ଭିଜେ ଚଉପାଶ
ଏକାକାର ହୁଏ ରାତିର ଶିଶିର।

ନାଚୁଣୀ, ଖୋର୍ଦ୍ଧା
(ମୋ) ୬୩୭୦୪୯୫୯୪୪

## ଶୀତରାତିରେ
### ବାବାଜୀ ଚରଣ ଜେନା



ଶୀତ ରାତିର ଏ କୁହୁଡି ଭିତରେ
ଶୋଇ ଅଛି ଏଇ ସହର
ସ୍ୱପ୍ନ ଦେଖେ ଜଣେ ସେଇ ସହରରେ
ବୋଲି ହୋଇ ଧାରେ କଜଳ
ଶୀତ ରାତିର ଏ କୁହୁଡି ଭିତରେ ।

କୁହୁଡି ବନରେ ଲୁଚି ଯାଏ ସିଏ
ଗୁଣୁଗୁଣୁ ଗୀତଗାଇ
ମନ ବେଦନା ତା ବୁଝେ ନାହଁ କେହି
ଗୀତରେ ଯାଏ ସେ କହି
ବଞ୍ଚିବା ପାଇଁକି ଘୁରି ବୁଲୁ ଥାଏ
ଚଉଦିଗେ ତାର ଅନ୍ଧାର
ଶୀତ ରାତିର ଏ କୁହୁଡି ଭିତରେ ।

ଭାବନାରେ ଭିଜି ହଜା ଅତୀତକୁ
କେବେ ସିଏ ଖୋଜେ ନାହଁ
ତା ପାଇଁ ବିଗତ ମଳା ନଈ ଟିଏ
ଫେରିବାର ଆଉ ନାହିଁ
କଳଙ୍କକୁ ତାର ଧୁଏ ମହାନଦୀ
ହୋଇ ଯାଏ ଯେବେ ସକାଳ
ଶୀତ ରାତିର ଏ କୁହୁଡି ଭିତରେ ।

ଅହଲ୍ୟା ନିବାସ ପୋପରଡା
ନୂଆବଜାର, କଟକ-୪
(ମୋ) ୯୪୩୭୮୩୪୭୧୯

## ଶୀତ
### ମାନସ ରଞ୍ଜନ ପଣ୍ଡା



ଶୀତ ଶୋଇଅଛି ସ୍ୱପ୍ନ ସବାରୀରେ ସପନର ଶେଯ ପାରି
ସାରା ରାତି ଏଇ ସିରି ସିରି ଶୀତ କାହାକୁ ଯେ ହୁଏ ଝୁରି,
କୁଆଁରୀ କଇଁର କଅଁଳ ଓଠକୁ ଶୀତ ବୋଧେ ପାଏ ଭଲ
ପାଖୁଡ଼ାକୁ ତା'ର ପାହାନ୍ତି କାକର ଦେଖ କରୁଅଛି ଗେହ୍ଲ।

ଶୀତର ଛାତିରେ ସକାଳ ବେଳକୁ ଖରା ଖେଳେ ଲୁଚକାଳି
ଗୋଧୂଳି ଶେଷରେ ଗୀତ ଗାଇ ଗାଇ ଶୀତ ଲଗାଏ ଗହଳି
ସାରା ଦିନ ରହେ ଉଦାସୀ ଉଦାସୀ ରତିମୟ କରେ ରାତି
ଜହ୍ନରୁ ଯୋଛନା ଚୋରାଇ ଫୁଟାଏ ଓଠରେ ହସର ମୋତି ।

ରାତିର ବୟସ ଯେତେ ବଢୁଥାଏ ଶୀତ ସେତେ ଆନମନା
ଖୋଜୁଥାଏ ବୋଧେ ଶିଶିର ଶେଯରେ ସୁନ୍ଦରୀ ସୁନୟନା
ହେମାଳ ହାଟରେ ହଜି ଯାଇଛିକି ପୁରୁଣା ତା ପ୍ରିୟତମା
ଅବା ସେ କାହାର କୂଳବଧୁ ସାଜି ବୋଲାଉଛି ଅନୁପମା ।

ଶୀତ ମୋ ପାଇଁ ନୁହେଁ ଋତୁଟିଏ ପ୍ରେମିକ ସେ ନିଶାଚର
କାକର କଳିରେ ଲେଖେ ସେ କବିତା ସାୟୀରୀ ସେ ଚିତ୍ରକର ।

ସମ୍ପାଦକ ଏଯାବତ୍, ଭଦ୍ରକ, ମୋ: ୯୮୨୭୬୩୧୫୩୪

## ଶୀତ
### ଅକ୍ଷୟ କୁମାର ରାଉତ



କୁହୁଡ଼ି ଦଉଡ଼ି ରେ ବନ୍ଧା
ହାଡ଼ କମ୍ପା ଶୀତ ବନ୍ଦୀ ଶାଳରେ
ଆବଦ୍ଧ ସୂର୍ଯ୍ୟ ଦେବ
ସତ ଚେଷ୍ଟା ସତ୍ତ୍ୱେ ମୁକୁଳିବାର
ସମସ୍ତ ପ୍ରୟାସ ବୃଥା ।

ପରିବା କ୍ଷେତରେ ଫୁଲ କୋବି,ପତ୍ର କୋବି
ମୂଳା,ଗାଜର ,ପାଳଙ୍ଗ ଶାଗ ମୁରୁକି ମୁରୁକି ହସନ୍ତି
ଆକାଶ ଚୁମ୍ବି ବୃକ୍ଷ ମାନଙ୍କୁ ନିର୍ଜୀବ ପ୍ରାୟ ଦେଖି ।

ସନ୍ଧ୍ୟା ଆଗମନରେ କୋଳାହଳ ମୟ ସହର ସ୍ଥିତପ୍ରଜ୍ଞ ପ୍ରାୟ
ନୀରବତା ନିଦ୍ରାରେ ସୋଇଯାଇଛି ସତେ
ବୋଧହୁଏ ଅନୁଶାସନ କୁ ଆପଣେଇ ନେଇଛି
ନା ଲାଗିଯାଇଛି ପୁଣି କରୋନା ଜନିତ କର୍ଫ୍ୟୁ !

ସଂଜ ହେଉ ହେଉ ଘୋଟି ଆସେ ଅମା ଅନ୍ଧକାର
ଗାଁ ଗୋହିରୀ ରେ ଖେଳିଯାଏ ନିସ୍ତବ୍ଧତା
ସଂଜ ପହରୁ ଲୋକେ କବାଟ କିଳୀ କମ୍ବଳର ଆଶ୍ରୟ ନିଅନ୍ତି

ଗ୍ରୀଷ୍ମରେ ଦୂର କ୍ଷେତରୁ ଭାଷୀ ଆସୁଥିବା କୋକି ଶିଆଳିର
ହୁକେ ହୁ... ହୁକେ ହୁ... ଡ଼ାକ ଆଉ ଶୁଣିବାକୁ ମିଳୁନାହିଁ ।

ଗ୍ରୀଷ୍ମ ରୌଦ୍ର ରୂପ ଧାରଣ କରେ
ବିଜୁଳି,ଘଡ଼ ଘଡ଼ି ନାଦରେ ଧମକ ଦିଏ
ପ୍ରଚଣ୍ଡ କାଳବୈଶାଖୀ ବହେ,ଘୂର୍ଣ ବାତ୍ୟାରେ
ଧରା ବାସୀଙ୍କ ଜୀବନ ଅସ୍ତ ବ୍ୟସ୍ତ କରିଦିଏ
ହେଲେ ଶୀତ ଭଦ୍ର,ନମ୍ର ଭାବେ ନିଜର ପ୍ରକୋପ ଦେଖାଏ
ଠିକ୍ ଭଦ୍ର ପୋଷାକ ତଳେ ଲୁଚିଥିବା ଖଳନାୟକ ଭଳି
ପଶୁ ପକ୍ଷୀ ଠୁ ଆରମ୍ଭ କରି କୀଟ ପତଙ୍ଗ ସଭିଙ୍କ ଜୀବନ
ଅସ୍ତ ବ୍ୟସ୍ତ ହୋଇଯାଏ ଶୀତର ପ୍ରକୋପ ରେ,
ଜଳ ଜୀବ ମାନେ ପ୍ରାଣ ତ୍ୟାଗନ୍ତି ଉହଳ ବିକଳେ ।

ଚଷା ପୁଅ ମୁଣ୍ଡରେ ପଗଡ଼ି ବାନ୍ଧି
ହାତରେ କୋଦାଳି ଧରି ଚାଲିଯାଏ କ୍ଷେତକୁ
ହାଡ଼ କମ୍ପା ଶୀତ କୁ କିଏ ବା ଖାତିରି କରୁଛି
ପେଟ ଜ୍ୱଳାର ବିଭତ୍ସ ଦୃଶ୍ୟ ସିନା ଦେଖି ହୁଏ ନାହିଁ
ହେଲେ ଯିଏ ଅନୁଭବ କରିଛି ସେ ଜାଣିଛି ତାର ବିଭତ୍ସତା
ପ୍ରକୃତି ସହିତ ମଣିଷର ଲଢ଼େଇ
ଚାଲି ଆସିଛି କେଉଁ ଆଦିମ କାଳରୁ
ଏମିତି ଚାଲିଥିବ ସୃଷ୍ଟି ଥିବା ଯାଏ ।

ବାଳକାଟି, ଆଳି,କେନ୍ଦ୍ରାପଡା

## ଶୀତ
### ଆନନ୍ଦ କୁମାର ମାଇତି



ଶୀତ !
ଶୁଭ୍ର, ନିର୍ମଳ
ପ୍ରକୃତିର ସେ ଏକ
ଉଦାସୀ ବିଷର୍ଣ୍ଣ ଚେହେରା
ତମାମ ଦେହରେ
ଧୂସର ପାଣ୍ଡୁରତାର ଛାୟା,
ତଥାପି ସେ ଛାୟାର ଶୋଭା
ଭାରି ଅନୁପମ
ସେ ଛାୟାର ମାୟାରେ
ଶୀତ ଆସେ, ଘନ କୁହୁଡି ଆବରଣରେ
ସାରା ଦୁନିଆକୁ ଗୋଟେ
ରୂପକଥାର ମୟାପୁରୀ ସଜେଇ।
ସେ, ମାୟାପୁରରେ ମୋହନ ମନ୍ତ୍ରରେ
କିମିଆ କରେ ସାରା ଜଗତକୁ
ତା ମାୟାର ବଶୀଭୂତ
ଆବେଶରେ ସାରା ଦୁନିଆ
ଶୀତ ସକାଳରେ ରେଜେଇ,
କମ୍ବଳକୁ ଝୁରେ।

ବଗଡା, କେନ୍ଦ୍ରପଡା
(ମୋ) ୯୪୩୯୦୭୭୩୯୫



## ଶୀତ, ଧୋକାବାଜ୍ ପ୍ରେମିକ

### ପ୍ରୀତିଲେଖା ଦାସ

ଅଳତାମଖା ଗୋଇଠି ମୋ'ର
ଫାଟି ' ଆଁ କରିବା ଆଗରୁ,
କୋଉ ଚିହ୍ନିଥିଲି ଯେ
ତାକୁ ମୁଁ।

ଫାଟି ପଡୁଥିଲି ଖୁସିରେ ଯାହା
ଦେହକୁ, ମନକୁ ରଙ୍ଗେଇ
ସେ ଦେଇଥିବା ବିଶ୍ୱାସ
ସେଇ -
ମୋ'ର ହଲେ ଲକ୍ଷ୍ମୀପାଦକୁ
ନେଇ।


ଜାଣି ନଥିଲି ମୁଁ ସେ ଯାବତ୍ -

ଗେଣ୍ଡୁ ଫୁଲର ଫର୍ଦ୍ଦେ ଛାତି
ଭିତରେ
ଲୁଚି ରହିପାରେ ବି
ଭୋକର ଏମିତି ଲଙ୍ଗଳା ରୂପ,
ଯିଏ, ସମୟ ଦେଖି
ଚାଟିଚୁଟି ସଫା କରିପାରେ
ସ୍ୱପ୍ନର ସବୁ ଡାଳ, ପତ୍ର
ଗଦେଇ ଦେଇ ପାଦତଳେ
ଶୁଖିଲାପତ୍ର ଓ ପ୍ରୀତିର
ଅନୁରାଗ
ଛିଡା କରେଇ ଦେଇପାରେ
ଗୋଟେ ବିଶ୍ୱାସକୁ
ଏକଦମ୍ ଥୁଣ୍ଟା କରି।

କୁହୁଡିର କାମୁକ ସ୍ପର୍ଶରେ
ପଦ୍ମବନ ଧ୍ୱଂସ କରି
ଜାହିର୍ କରିପାରେ ତା'
ପ୍ରେମର ଅସ୍ତିତ୍ୱ
ନିଆଁ ଖଣ୍ଡେ ହୋଇ
ଆବୋରି ବସିପାରେ
ଗୋଟାପଣେ
ଅଧରାତିର ଓଠ,
ଜାଳିପୋଡି ଅଙ୍ଗାର କରିପାରେ
ବଢଲିଥିବା ବିଶ୍ୱାସ
ଛଳନାର ଛଉନାଚ ନାଚି
ଡେଙ୍ଗରୁ ଖସେଇ କାହାକୁ
ନିଶବ୍ଦରେ ଛୁଆଇଁ ପାରେ ମାଟି
ଝରେଇ ପାରେ ଆଖିରୁ
କାକରର ଲୁହ।

ସମ୍ପର୍କର କାନ୍ଥରେ
ଛାଡି ଦେଇ ଯାଇପାରେ
ପ୍ରତାରଣାର ସ୍ୱାକ୍ଷର,
ଆଙ୍କିଦେଇ
ଭୋକ ଓ ଶୋଷ ମାନଙ୍କର
ଅସଂଖ୍ୟ ମୁହଁ,
ଝୋଟି ଓ ଚିତାର।

♥ ଭୋଇସାହି,
ବାଲେଶ୍ୱର-୧
(ମୋ) ୯୮୫୩୩୪୪୬୮୮



## ଶୀତ ଗୀତ

### ଅଜୟ ସ୍ୱାଇଁ

ଶୀତ ମିଳେଇ ଯାଏ
କିଛି ଧୂଆଁ କିଛି କୁହୁଡି ରେ
କଟା ଧାନଖେତର ଉଜୁଡ଼ା ସ୍ୱପ୍ନ ଦେଖୁଥିବା
ଚାଷୀର ଉଷର ଆଖିରେ..

କିଛି ଶୀତକୁ ସାଇତି ରଖିଥିଲି
ଅନେକ ବର୍ଷ ଯାଏ
ଗୋଟେ ମଉଳା ଫୁଲ ସହ ଗୀତଖାତାରେ...
ଏ ବର୍ଷ ଶୀତ ଉଜୁଡ଼ି ଗଲା ଗୀତ ସହ..
ବେସୁରା ଧୂନ ସହ ହଜିଗଲା
ଅନେକ ପ୍ରେମଗୀତ, ଚିଠି
ମୁହଁ ଫେରେଇନେଲା କାକର ଭିଜା ସକାଳ
ଖୋଜୁ ଖୋଜୁ ଅତୀତ ଓ ପ୍ରେମ
ମୁଁ ପାଇଲି ଗୋଟେ ରଙ୍ଗ ଛଡ଼ା ଆଲବମ୍
ଯେଉଁଥିରେ ମୁଁ ନିଆଁ ପୋଉଁଥିଲି ବୋଉ ସହ
ଆମ ମାଟି ଅଗଣାରେ..
ଏବେ ବୋଉ ନାହିଁ
ଶୀତ ନାହିଁ
ଆଲବମ୍‌ରେ କି ସତରେ...

♥ ଇଟିପୁର, ଜୟପୁର, ଭୁବନେଶ୍ୱର
(ମୋ) ୯୧୭୮୫୫୮୫୦୮



## ଶୀତ

### ସୁରେନ୍ଦ୍ର ପାଣିଗ୍ରାହୀ

ଶୀତ ଅନ୍ଧାରରେ
ବିଲ ଗହିରର ହିଡ଼ ଉପରେ ବସି
ହାଇ ମାରୁଥିଲା ବାବନାଭୂତ
ବାଦୁଡ଼ିର ଚିଁଚିଁ,
ପେଚାର ହୁଟ୍‌ହୁଟ୍ ଡାକରେ
ଗାଁ ମୁଣ୍ଡ ମଶାଣି ପାଖ
ବରଗଛ ମୂଳେ
କଳା ପାଞ୍ଚି ଘୋଡ଼େଇ ହୋଇ
ନିଝୁମ ନିଦରେ ଘୁମେଇ
ପଡ଼ିଥିଲେ
ଭଙ୍ଗା ମାଟିଘୋଡ଼ାରେ ମଥା ରଖି
ବାସେଳି ଠାକୁରାଣୀ
ମୁହଁକୁ ମୁହଁ ଦିଶୁ ନଥିବା ସେଇ
ଘନଘୋର ନିଶା ଗର୍ଜନରେ

ଶୀତ ଭିତରେ
ଆମେ ଖୋଜି ଚାଲିଥିଲେ
ନିଜ ନିଜ ଅସ୍ମିତାର ଛାଇ,
ଯୁଦ୍ଧଂ ଦେହିର ଡାକରା ଓ
ଶାଣିତ ଅସ୍ତ୍ର
ଝନ୍ ଝନ୍ ଝଙ୍କାର ଭିତରେ
ଚାରିଆଡେ ପଡ଼ି ଚାଲିଥିଲା
ଖାଲି ରକ୍ତର ପାହୁଣ୍ଡ
ଅତୀତର ପିତାମହ
ବର୍ତ୍ତମାନର ବିଦୁର
ଯଜ୍ଞସମ୍ଭୂତା ଯାଜ୍ଞସେନୀ କି
ଆସନ୍ତାକାଲିର ଅଭିମନ୍ୟୁମାନେ

ବାରମ୍ବାର ଘୁରି ବୁଲୁଥିଲେ
ଜନ୍ମିବାକୁ ସହସ୍ର ଯୋନିରେ ।

ଶୀତ ଆମକୁ ଠେଲି ଦେଇଥିଲା
ଏକ ପରାହତ ସମୟର
ଶୀତଳ କୋଣକୁ
ଶ୍ରେଷ୍ଠ ବନିବାର ଏକ
ମହାଭାରତରେ
ଆମେ ବାରମ୍ବାର ବଧି ଚାଲିଥିଲେ
ବେଲାଳସେନ, ଘଟୋତ୍କଚ ଓ
ଅକ୍ଷୟ କୁମାରମାନଙ୍କୁ
ମିଥ୍ୟା କସରତ, କାରନାମା ଓ
କେଳେଙ୍କାରି ପର୍ଦ୍ଦା ଖୋଲୁଖୋଲୁ
ଆମେ ନିଜେ ବାନ୍ଧି
ହେଇଯାଇଥିଲେ
ମାୟା ବୁଢ଼ୀଆଣି ବିଛେଇଥିବା
ଏକ କୁଟିଳ ଜାଲରେ
ଆଉ ଗୋଟେ ଅତୃପ୍ତ ଆତ୍ମାଭଳି
ଘୁରିଘୁରି ଶୂନ୍ୟରୁ ମହାଶୂନ୍ୟକୁ
ଶେଷରେ ପଡ଼ିଯାଇଥିଲେ ଯାଇ
ଏକ ଅନ୍ଧାରୁଆ ଅମୂହାଁ କୂଅରେ
ଠିକ୍ ବେଙ୍ଗ ଗଙ୍ଗଦତ୍ତ ସମ ।

♥ ବରୀ, ବାଲେଶ୍ୱର






## ଶୀତଟା ଭାରି ନିଲଠା

### ଜୟନ୍ତୀ ବିଶ୍ୱାଳ ବେହୁରିଆ

ଏ ଶୀତଟା ଭାରି ନିଲଠା
ସତରେ ।
ରାଜରାସ୍ତାରେ ସାଇଁକିନା ଚାଲି
ଯାଉଥିବା ବିଏମ୍ ଡବ୍ଲ୍ୟୁର ପାଖ
ମାଡେନା ।

ମୁଁ ଜାଣେ ଶୀତର ଅନେକଙ୍କ
ସହ ସଲାସୁତୁରା ।

ଧାନ ପାଚେ, ଫୁଲ ଫୁଟେ
ବିକ୍ରିବଣ୍ଟା ହୁଏ, ବତୀ ଜଳେ ,
ହାତଗଣତି ଲୋକେ ଲାଭ
ପାଆନ୍ତି କିନ୍ତୁ ଅନେକ ଜୀବନ
ଖୁଁ ଖୁଁ କାଶେ, ନିଜକୁ କୋଷେ ।

କୌଣସି ଜିଲ୍ଲାପାଳଙ୍କ ଝିଅର
ଲିପଷ୍ଟିକ୍ ମଖା ଓଠରେ ଶୀତ
ନେସି ହୁଏନା ଜମା।

ଶୀତ କୌଣସି କବିତା
ଆସରରେ ବସି କିଛି ନିର୍ଲଜ
ପ୍ରଶ୍ନ ଉତ୍ତରର କିଣାବିକା
କରୁଥିବା କବିଙ୍କୁ
ଧକ୍କା ମାରେନା ।

ଶୀତ ଭାରି ନିଲଠା

ସେ ରାଜଭବନକୁ ପଶେନା ।
ବାବୁଙ୍କୁ , ମନ୍ତ୍ରୀଙ୍କୁ, ଧର୍ମକୁ
ସାଲ୍ୟୁଟ୍ ମାରୁଥାଏ ।

ଶୀତ ନିଜର ଛାତି ଟିକକକୁ
ଢାଙ୍କି ପାରୁନଥିବା
ଦାରିଙ୍ଗିବାଡ଼ିର କୌଣସି ଏକ
ଆଦିବାସୀ ସ୍ତ୍ରୀଲୋକ
ପଛରେ ଗୋଡାଉଥାଏ
ବର୍ଷବର୍ଷ ।

♥ କୃଷ୍ଣନଗର, ବାଲିଆ
ବାଲେଶ୍ୱର
(ମୋ) ୮୯୮୪୬୪୨୫୦୩



## ଶୀତ ଗୀତ

### ପ୍ରେମାନନ୍ଦ ଖଣ୍ଡୁଆଳ

ଧାନ ବୁଦାକୁ ଚୋଟ ହାଣୁଚି ଚଷା
ଖଣ୍ଡେ ଦୂରକୁ ଛିଟିକି ପଡ଼ିଚି ଶୀତ
କଳେଇ ଭାରରେ କଟକଟ ବାହୁଙ୍ଗୀ
ରଟରଟ କାନ୍ଧ,
ପଛେ ପଛେ ଧାନ ସାଉଁଟା ଝିଅ
ଖଳାରେ ଚକା ମାଡିଚି ଗଦା
ଚକା ମାଡିଚି ରତ ରତ ଖରା
ଚକା ମାଡିଚି ନୂଆ ଧାନ ଗନ୍ଧ ।

ଆବାସ ବଖୁରିଏରେ
ଖୁନ୍ଦା ଖୁନ୍ଦି ଚାରି ପ୍ରାଣୀ
କଣ୍ଟ କଣ୍ଟ ହଉଚି ଝାଳ
ଘରସାରା ପହରା ମାରୁଚି ଭୋକ
ଓଜାଡ଼ି ହେବାକୁ ସଜ ହଉଚି ଶୀତ
ଏଣେ ଭଙ୍ଗା କବାଟ ସନ୍ଧିରୁ
ହୁରୁଡ଼ଉଚି ଫଟା ଓଠର ଗୀତ ।

ଶୀତ ଘୋଡ଼େଇପାରେ କମ୍ବଳ
ବାବୁ ଭାୟାଙ୍କୁ
ଚକ ଚକ ଚମଡ଼ାକୁ କରିପାରେ କାବୁ

ଥରେଇପାରେ
ସୂର୍ଯ୍ୟୋଦୟ ଦେଖିନଥିବା
ନରମ ମଞ୍ଜକୁ ।

ଫଟାମାଟି ବିଲ ହଉ କି
ଲିପାପୋଛା ଖଳା
ଆବାସ ଘର ହଉକି
ଡେକ୍‌ଚିର ପଖାଳ,
ଶୀତ ଏଠି ଅନୁଭବଟିଏ
ଶୀତ ଏଠି ଅଲୋଡ଼ା ଜଞ୍ଜାଳ ।

♥ ରାଜନଗର, କେନ୍ଦ୍ରାପଡ଼ା
(ମୋ) ୯୩୩୭୩୧୩୬୬୫

## ଶୀତରାତି

### ବୃନ୍ଦାବନ ଦାସ



ଶୀତରାତିର ସ୍ୱର ବେଶ୍ ପ୍ରାଞ୍ଜଳ
ମାର୍ମିକ ଛାତିଛୁଆଁ
ଥୁରୁଥୁରୁ ଜଡତାରେ
ବହି ଆସୁଥାଏ କାଲୁଆ ପବନ
ଛୁଇଁବାକୁ ହାଡ ଭିତର ମଞ୍ଜ ।

ତାରାମାନେ
ଏତେବେଳେ କମ୍ ଗୁମସୁମ୍ କି !
ଆକାଶରେ ଅନ୍ଧାର ଚାଦର ତଳୁ
ଚାହିଁ ରହିଥାନ୍ତି ଜୁଳୁଜୁଳୁ କରି,
ଛାଇ ଅନ୍ଧାରରେ
ଗଛମାନେ ବି
ଶୋଇବାର ଅଭିନୟ କରି
ଢୋଳେଇ ପଡିଥାନ୍ତି
ଗୋଟେ ବିରଳ ନିରବତାକୁ
ଛାତିରେ ଚାପି ।

କେଉଁ ସ୍ମୃତିର ଦଂଶନରେ ହୁଏତ
ତାରାଙ୍କ ଆଖିରୁ
ଟୋପାଟୋପା ଲୁହର କାକରରେ
ଓଦା ହେଉଥାଏ ଗଛପତ୍ର ଓଠ
ଏତିକିବେଳେ
କେଉଁ ମଧୁଲଗ୍ନରେ କୁଆଡେ
ସ୍ତବକରୁ ଉନ୍ମିଳିତ ହେଉଥାଏ
କଢିରୁ ଫୁଲ
ମୁହର୍ତ୍ତରୁ ମୁହର୍ତ୍ତ

କେତେ ଗର୍ଭ ଯନ୍ତ୍ରଣା ପରେ ।

ରାତିକାଳେ
ପିଠି ଥାପୁଡେଇ
ଶୁଆଇଦିଏ ଦୁଃଖଙ୍କୁ
ଦିନଆଲୁଅର ସଣ୍ଟୁଆସୀ
ଆକ୍ରମଣରୁ
ଜୀବନକୁ କଢେଇନିଏ ବାଟ
ରାତ୍ରିର ଏକାନ୍ତବାସକୁ ।

ଆଉ ଶୀତରାତି !
ଜାଳୁଥାଏ ଉଚ୍ଚାଟ ନିଆଁରେ ଯେ
ନିଦ ଛୁ' ମାରୁଥାଏ
ଅଭିସାର ଅନ୍ଧାରର ଦିହୁଡି ଜାଳି
ଅପେକ୍ଷା କରିଥାଏ
କା' ତୋଫା ମୁହଁକୁ
ମାପିବାକୁ ତା' ଦେହର
କୋମଳ ତାତି ।

ସତରେ ଶୀତରାତି
କଡ ଲେଉଟେଉଥାଏ
ଏକଲା ରାସ୍ତାରେ
କେଉଁ ଅଜଣା ପ୍ରହର
ନିରବତାର
ଚୁପଚାପ କୋଳାହଳରେ ବି
ରାତି ନା' ଧରୁନଥାଏ
ଶେଷହେବାକୁ
କିଏ ଚିମୁଟୁଥାଏ ନିଜ ଭିତରୁ ।

♥ ଅଧ୍ୟାପକ,
ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା - ୭୫୪୨୮୯
(ମୋ) ୯୭୭୭୮୪୩୦୩୧

## ଶୀତ ଆସିଲେ

### ଡଃ ଅସୀମା ସାହୁ



ଶୀତ ଆସିଲେ
ତୁମ କଥା ଭାଆରି ମନେପଡ଼େ
ପ୍ରେମ କଡ଼ ଲେଉଟାଏ
ଭଲ ପାଇବା ଅଜାଡ଼ି ଦିଏ..

ସେଇ କୁହୁଡ଼ି ଭିତରେ
ଗାଁ ମନ୍ଦିର ବେଢ଼ାରେ
ତୁମ ସହ ବିତେଇ ଥିବା
ଏକାନ୍ତ ମୁହୂର୍ତ୍ତ ସବୁ
ଧୂସର ମଲାଟ ତଳେ
କବିତାର ଦୀପ ଜାଳୁଥାଏ
ହାଏ ପ୍ରେମ କଡ଼ ଲେଉଟାଏ..

ଦାଣ୍ଡ ଘର ଦୂଆର ଧାରେ
ମଗୁଣିର ଝୋଟି ଆଙ୍କିଲା
ବେଳେ
ସାଇକେଲରେ ତୁମ ଟହଲିବାର
ସେ ଅଲାଜୁକ ଢଙ୍ଗ

ଦୁହିଁଙ୍କ କଳାକେଶର
ଛାଉଣୀ ଭିତରେ
ଦୁଇ ଓଠରୁ ଧୂଆଁ ଧାଇଁ

ପଳାଏ..
ମୋ ଦୁଇ ବେଣୀକୁ ଟାଣି
ନିଜ ଆଡ଼କୁ ଆଉଜେଇ ନେବାକୁ
ତୁମର ଯେତେ ସବୁ
ଅସଫଳ ପ୍ରୟାସର ସ୍ମୃତି
ଦିନକ କୁଣିଆ ପରି ଆସେ,
ଫେରିଯାଏ
ହାଏ ପ୍ରେମ କଡ଼ଲେଉଟାଏ..

ପତ୍ରଟିଏ ପଡ଼ିଗଲେ ଡରିଯାଇ
ତୁମ ଛାତିରେ ମୁହଁ ଗୁଞ୍ଜିବାର
ମୋର ସେ ମିଛ ବାହାନା
ଗାଁ ନାଟକର ନାୟକ ହେଇ
ପୁରୁଷ ନାୟିକା ପ୍ରତି
ବେସରମ୍ ସଂଳାପ ବେଳେ
ଦର୍ଶକ ଭିଡ଼ରେ ମୋତେ
କୋଣେଇ ଚାହିଁ ଦେଲେ
ଉଃ.... ମୋର ଯେ କି ଲାଜ
ଆଜି ବି ସେ ଲାଜ ମୋତେ
ଆଭିଜାତ୍ୟର ନିଃସ୍ୱ ବିଛଣାରେ
ଲାଲେ ଲାଲ୍ କରି ପକାଏ
ଶୁଷ୍କ ସହରର ଅଧାମଲା
କେରାଏ ଘାସ ଉପରେ
ବିନ୍ଦୁଏ କାକର ହେଇ
ତୁମ ଛବି ମୋ ଛାତିରେ
ଉଙ୍କିମାରେ ପ୍ରିୟତମ

ତୁମ ଦେହ ମୋ ଦେହରେ,
ବାଜୁଥାଏ..

ସତେ ଅବା ତୁମ ବାହୁ
ଆଉ ଥରେ ମୋତେ
ଠେଲି ଠେଲି ସୁଆଗରେ
ଅନ୍ଧାରକୁ ଟାଣିନେଇ ଯାଏ..

ସତରେ, ତୁମ ପାଇଁ ମୁଁ
କେବେ ବି ନଥିଲି ଆୟତ୍ତରେ
କି ଆଜି ବି ନଥାଏ !
ହାଏ ପ୍ରେମ କଡ଼ ଲେଉଟାଏ !!

♥ ମଧୁବନ, ବାରିପଦା,
ମୟୂରଭଞ୍ଜ-୭୫୭୦୦୧
(ମୋ) ୯୪୩୭୩୮୦୭୭୦

## ଶୀତ ଆସେ

### ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ



ଶୀତ ଆସେ
ଗୋଟେ ରଙ୍ଗୀନ ଚାଦର
ଘୋଡେଇ ହେଇ,
କେଉଁ ଅଚିହ୍ନା ମଣିଷ ଭଳି
ଫିଂ 'ଥର ଧସେଇ ପଶେ।

ଶୀତ ଆସିଲେ
ପୁରରୁ ପଲ୍ଲୀ ଯାଏଁ
ଖେଳିଯାଏ ଶୁଷ୍କତା,
କୁହୁଡ଼ି କାନ୍ଥରେ ଢେରା ଦେଇ
ଦେହ ଖୋଜେ ଟିକିଏ ଉଷ୍ମତା।

କେବେ କପେ ଗରମ ଚା
ବାସ୍ନାରେ ତ
କେବେ ମଗୁଶୁର ଝୋଟି
ଚିତାରେ,
କେବେ ପୁଣି ଦେହରେ ଶୁଖିଲା
ଆଂଚୁଡା ଦାଗରେ
ଲାଖିଥାଏ ଶୀତ।

ରେଶମୀ ମୁଖା ପିନ୍ଧି
ଧରା ଦିଏ ଶୀତ,
ପ୍ରେମ ଆଳରେ
ସୁଲଭରେ ପୁଣି ବାଣ୍ଟୁଥାଏ
ବିରହ,
କେବେ ଜାଳୁଥାଏ
ତ କେବେ ଥରାଉ ଥାଏ

ଛୁଁ ଛୁଁ ପୁଣି ପାଲଟିଯାଏ କୁହୁକ।

ଜଳୁ କି ଜାଳୁ
ଭାଙ୍ଗୁ କି ଗଢୁ
ଥାଉ କି ଯାଉ
ସବୁ ଋତୁ ପରି
ଶୀତ ଆସେ
ପାଦରେ ଅଳତାର ରଙ୍ଗ ମାଖି,
ଆଖିରେ ସ୍ୱପ୍ନ ଯୋଖି,
ତା ଆସିବାରେ ଉଭାନ
ହୁଏ ସକଳ ଦୁଃଖ
ଅପେକ୍ଷା ରହେ ପୁଣି
ତାର ଲେଉଟାଣିକୁ ।

♥ ସହଦେବଖୁଣ୍ଟା,
ବାଲେଶ୍ୱର
ପିନ -୭୫୬୦୦୧
(ମୋ) ୭୭୮୮୯୭୭୨୭୬





## ଶୀତର ତିନୋଟି ଚିତ୍ର

### କାଳୀପଦ ପଣ୍ଡା

କାରଗିଲରେ-

ଗୁଳିଗୋଳା ବନ୍ଧୁକ କମାଣର ଶବ୍ଦ
ଆତଙ୍କ ଘେରେ ଚତୁର୍ଦ୍ଦିଗ
ଦିନର ସୂର୍ଯ୍ୟାଲୋକ
ବାରୁଦର ଗନ୍ଧରେ ଧୂମାୟିତ ।
ଜୀଇଁବା ପାଇଁ
ଆତ୍ମଗୋପନରେ ସଭିଏଁ ବ୍ୟସ୍ତ
ସେଠି ନଥାଏ
ଶୀତର ମୁଗ୍ଧ ଅନୁଭବ ।


କଳାହାଣ୍ଡି-

ଏଠି ଭୋକର ଥାବାରେ ଥରହର
କେତେ ଯେ ଫାମ୍ପ ପୁଞ୍ଜି
ଗୁରୁବାରୀ ମାଝୀ
ନିଜ ଜଠର ସନ୍ତାନକୁ
ବିକନ୍ତି ଚାଳିଶ ଟଙ୍କାରେ
ଦି' ଓଳି ଦି' ମୁଠା ଖାଇବା
ଆଶାରେ
କେତେ ଦିଏ କାରଖାନାରେ ପିଅନ୍ତି
ଧୂଆଁ
କେଉଁ ଦାଦନ ଶ୍ରମିକ ପାଲଟି
ଶୀତ ଏଠି ଯେମିତି ଅଭିଶପ୍ତ ।

କେନ୍ଦ୍ରାପଡାରେ-

ଶୀତ ଝାମ୍ପିନିଏ ଲଳନାଙ୍କୁ
ସତୀର ସୀମନ୍ତରେ
କଳଙ୍କର ଟିକା ଲଗେଇ
କୋଉ ଡନଲପ୍ ଗଦି ଉପରକୁ
ରାତିର ଗାଢ ଅନ୍ଧାର ଭିତରେ
ମିଂଜି ମିଂଜି ଆଲୁଅରେ
ଭୋକିଲା କୁକୁରଙ୍କ ଆହାର
ସାଜିବାରେ ।
ଏଠି ଜାନୁଆର ମାତନ୍ତି
ବ୍ୟଭିଚାରର ଜଙ୍ଗଲରେ
କାହିଁ ଯେ ଶୀତର ଅନୁପମ
ଅନୁଭବ ?

♥ ସଂପାଦକ : ସୁବର୍ଣ୍ଣଶ୍ରୀ
ନେଳିଆବାଗ, ବାଲେଶ୍ୱର-୧
(ମୋ) ୮୯୧୭୨୫୫୪୯୩



## ଶୀତ

### ସୁଜାତା ଗିରି

ଶୀତ ଆସେ ଲୁଚି କାକରଟୋପାରେ
ଭିଜାଭିଜା ଶିହରଣ ନେଇ,
ଉହ୍ଲେଇ ପାଖକୁ ଯିବା ଆଗରୁ ସେ
ଦେହେ ଯାଏ ନିଆଁ ଜାଳିଦେଇ ।

ପାଦଚିହ୍ନ ତା' ମାର୍ଗଶୀରର
ଝୋଟିରେ ଝୋଟିରେ ଯାଏ ଦିଶି
ପୁଲକ ପଖଳା ଧାନକ୍ଷେତ ଧାରେ
କାହା ସ୍ମୃତି-ଫୁଲ ଉଠେ ବାସି
ଉଷୁମ ଆବେଗେ ମନ ଆନମନା
ପ୍ରବାସୀ ପ୍ରିୟର ପଥ ଚାହିଁ ।

ଏଇ ଶୀତ ଏତେ ନିଦାରୁଣ ସତେ
କଡ଼ ଲେଉଟାଇ ପାହେ ରାତି
ଖଳାର ଖୁସିରେ ପୂରେନାହିଁ ମନ
ଖୋଜୁଥାଏ ମିଠାମିଠା ତାତି
ଅନାଦରେ ସେତ ଫେରିଯାଏ ଦୂରେ
ଫଗୁଣକୁ ଉପହାର ଥୋଇ ।

♥ ଚନ୍ଦନେଶ୍ୱର, ବାଲେଶ୍ୱର
କାଳିକାପୁର, ବାରିପଦା, ମୟୂରଭଞ୍ଜ

## ଶୀତ ଓ ମୁଁ



### ସୁରଂଜନ ପାତ୍ର

ଏଇ ଶୀତ ମୋର ମନର ପାଟରେ
ସୋରିଷ ଫୁଲର ହାଟ
ଏଇ ଶୀତ ମୋର ଜୀବନ ବାଟରେ
ସ୍ମୃତିର ହଳଦୀ ତୁଠ ।

ଭଲପାଇବାର ପୁଣ୍ୟ ବୁକୁରେ
ଲାଜର ଉତ୍ତରୀ ଟାଣି
ଏଇ ଶୀତ ଦିନେ ଅଗଣାକୁ ମୋର
ଆସିଥିଲା ପାଦ ଗଣି ।

ଶୀତ ସହ ତେଣୁ ଅନେକ ଦିନର
ନିବିଡ଼ ପ୍ରଣୟ ଜଡ଼ିତ ମୋହର
ଶୀତ ମୋ ହୃଦୟ ତଟ
ଏଇ ଶୀତ ମୋର ମନର ପାଟରେ
ସୋରିଷ ଫୁଲର ହାଟ ।

ଶୀତ ନଥିଲେ ତ ନ'ଥାନ୍ତା ଏତେ
ଶିହରଣ ଏଠି ଭରି
ଶୀତ ଅଛି ବୋଲି ପଢ଼େ ମୁଁ କବିତା
ମାଟିର ଲଫାପା ଚିରି ।

ଶୀତ ମୋ ପରାଣ ପ୍ରୀତି ଝୋଟି ଚିତା
ଅନୁରାଗ ଭରା ଆଖି ନୀରବତା
ମିଳନ ନଈର ଘାଟ
ଏଇ ଶୀତ ମୋର ଜୀବନ ବାଟରେ
ସ୍ମୃତିର ହଳଦୀ ତୁଠ ।

♥ ସଂପାଦକ-ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ,ଶିଙ୍ଗାଖୁଣ୍ଟା,ସୋର
ବାଲେଶ୍ୱର -୭୫୬୦୪୫
ମୋ - ୮୧୧୭୮୦୫୯୫୯

# ନୀଳଗିରିରେ ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀମନ୍ଦିର ପରିକ୍ରମା ଅର୍ପଣ ରଥର ଶୁଭାରମ୍ଭ

ନୀଳଗିରି , ୮/୧ (ନି.ପ୍ର): ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉତ୍ସବ ଆସନ୍ତା ଜାନୁଆରୀ ୧୭ତାରିଖରେ ଶ୍ରୀକ୍ଷେତ୍ର ପୁରୀଧାମ ଠାରେ ମହା ଆଡ଼ମ୍ବରରେ ପାଳନ କରାଯିବ। ଏଥିପାଇଁ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏଭଳି ମହାର୍ଘ୍ୟ ପୁଣ୍ୟ କାର୍ଯ୍ୟକ୍ରମ ପାଇଁ ସରକାର ରାଜ୍ୟର ସମସ୍ତ ପଞ୍ଚାୟତ, ପ୍ରତ୍ୟେକ ଗ୍ରାମଏବଂ ସହରର ପ୍ରତି ପରିବାରଙ୍କ ଠାରୁ ଅକ୍ଷତ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯିବା ନେଇ ସ୍ଥିର କରାଯାଇଛି। ଏଥିପାଇଁ ପ୍ରତ୍ୟେକ ବ୍ଲକ ସ୍ତରରେ ଜଗନ୍ନାଥ ଅର୍ପଣ ରଥ ମାଧ୍ୟମରେ ଲୋକଙ୍କ ଠାରୁ ଗୁଆ ଚାଉଳ ସଂଗ୍ରହ କରାଯିବ। ରବିବାର ନୀଳଗିରି ପ୍ରଶାସନ ପକ୍ଷରୁ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଆୟୋଜିତ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେଙ୍କ ଦ୍ୱାରା ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ପ୍ରାରମ୍ଭରେ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ, ଧୂପ ଦୀପ ଦେବାପରେ ବ୍ରାହ୍ମଣ ପଣ୍ଡିତ ପପୁ କରଙ୍କ ଦ୍ୱାରା ୬ଗୋଟି ହାଣ୍ଡିକା ଗୁଡିକ ଶୋଧନ କରାଯାଇଥିଲା। ପରେ ରଥ ସାମ୍ନାରେ ନଡ଼ିଆ ଭାଙ୍ଗିବା ପରେ ଜିଲ୍ଲାପାଳ ସିନ୍ଧେ କାର୍ଯ୍ୟକ୍ରମର ନୋଡାଲ ଅଫିସର ତାପସ କୁମାର ଭୂୟାଁଙ୍କୁ ଅର୍ପଣ ହାଣ୍ଡି ସମର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଂଜନ ନାୟକ, ସ୍ଥାନୀୟ ଉପଜିଲ୍ଲାପାଳ ମନ୍ଦର ଧର ମହାଳିକ, ତହସିଲଦାର ତୃପ୍ତିରେଖା ବେହେରା, ବିଡ଼ିଓ ରାହୁଲ ମଣ୍ଡଳ, ଏନଏସି ଅଧିକାରୀ ଅକ୍ଷୟ କୁମାର ବଡୁ, ବ୍ଲକ ଅଧକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ଏନଏସି ଉପାଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ତିନି ଜିଲ୍ଲାପରିଷଦ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଏହି ରଥ ଆଜିଠାରୁ ୧୨ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଗ୍ରାମକୁ ଯାଇ ଅର୍ପଣ ଚାଉଳ ଓ ଗୁଆ ସଂଗ୍ରହ କରି ୧୩ତାରିଖରେ ଶ୍ରୀମନ୍ଦିର ଅଭିମୁଖେ ପ୍ରେରଣ କରିବାର ସ୍ଥିର ହୋଇଛି।




# ନୃତ୍ୟ ଅଭିନୟରେ ସବୁରି ପ୍ରିୟ - ପ୍ରିୟମ୍ବଦା

ପୁରୀ, ୮/୧ (ନି.ପ୍ର): ତୁଳସୀ ଦୁଇ ପତ୍ରରୁ ବାସିବା ପରି କଳା ପ୍ରତିଭା ଆସ୍ତେ ଅସ୍ତେ ପ୍ରକଟିତ ହୋଇ ଏବେ ଜଣେ ସଫଳ କଳାକାର ଭାବେ ଶ୍ରୀକ୍ଷେତ୍ର ସମେତ ରାଜ୍ୟର ବେଶ୍ ପରିଚିତ । ସେ ହେଉଛନ୍ତି ପୁରୀ ମରଚିକୋଟ ଗଳିର ପ୍ରିୟମ୍ବଦା ପୂଜାପଣ୍ଡା । ତାଙ୍କ ପିତା ଲକ୍ଷ୍ମୀଧର ପୂଜାପଣ୍ଡା ଜଣେ ଭଲ ମଂଚ କଳାକାର ହୋଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନରେ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟକରି ଅବସର ନେଇଛନ୍ତି । ନୃତ୍ୟ ଓ ଅଭିନୟରେ ସବୁରି ପ୍ରିୟ ଭାବେ ପରିଚିତ ହୋଇଛନ୍ତି ପ୍ରିୟମ୍ବଦା । ଶ୍ରୀକ୍ଷେତ୍ର କଳାର ମାଟି, କଳାର କ୍ଷେତ୍ର ଓ କାଳିଆର ଏହି ପବିତ୍ର ଭୂମିରେ ପ୍ରିୟମ୍ବଦା ଉଚ୍ଚକୋଟୀର ଅଭିନୟ କରି ବେଶ୍ ଚର୍ଚ୍ଚିତ । ଶ୍ରୀକୃଷ୍ଣ ଚରିତ୍ରରେ ଜୀବନ୍ତ ଅଭିନୟ କରି ପ୍ରିୟମ୍ବଦା ମଂଚରେ ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି । ପ୍ରିୟମ୍ବଦା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ସ୍କୁଲ ଶିକ୍ଷା ସାରିବା ପରେ ଏସସିଏସ କଲେଜରେ ସ୍ନାତକ ଓ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏମବିଏ ପାସ୍ କରିଛନ୍ତି । ପେଶା ଓ ନିଶାର ସମନ୍ୱୟ ରକ୍ଷା କରି ଜୀବନର ଚଲା ପଥରେ ଆଗେଇ ଚାଲିଛନ୍ତି। ଏକ ମଲ୍ଟି ନ୍ୟାସନାଲ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ସମୟ ବାହାର କରି ନୃତ୍ୟ ଅଭିନୟ ସହ ପ୍ରତିଦିନ ମଂଚରେ ଅଭିନୟ ଅଭ୍ୟାସ କରୁଛନ୍ତି । ଶନିବାର ଓ ରବିବାର ଛୁଟି ଦିନରେ ୟୁଟ୍ୟୁବ ଓ ଫେସବୁକରେ ନିଜର ଅଭିନୟର ଝଲକ୍ ଦେଖାଉଛନ୍ତି । ସାମାଜିକ ଗଣମାଧ୍ୟମରେ ମଧ ପ୍ରିୟମ୍ବଦା ଜଣେ ଚର୍ଚ୍ଚିତ କଳାକାର । ଶ୍ରୀକୃଷ୍ଣ ଚରିତ୍ରରେ ଅଭିନୟ କରୁଥିବା ବେଳେ ତାଙ୍କର ଠାଣି ବାଣୀ ଓ ଚାହାଣି ଦର୍ଶକଙ୍କୁ ମତୁଆଲା କରିଥାଏ । ଓଡ଼ିଶୀ ନୃତ୍ୟରେ ମଧ ନୃତ୍ୟ ଭାସ୍କର ଡ଼ିଗ୍ରୀ ହାସଲ କରିଛନ୍ତି । ଛନ୍ଦ,ଲୟ,ତାଳ ଓ ଭଙ୍ଗୀ ସଠିକ୍ ଭାବେ ଅଭିନୟ ସମୟରେ ପରିପ୍ରକାଶନ କରିବାର ଦକ୍ଷତା ରହିଛି । ଶ୍ରୀକୃଷ୍ଣ ବେଶ ଧାରଣ କରିଥିବା ବେଳେ ତାଙ୍କ ହସ ଓ ଚାହାଣି ଦର୍ଶକଙ୍କ ମନ କିଣି ନେଇଥାଏ । ମଂଚରେ ସବୁଜ ବାନାନୀ କ୍ଷେତ୍ରର ଝଲକ ସହ ଯନ୍ତ୍ରବାଦ୍ୟରେ କୋଇଲିର କୁହୁ କୁହୁ ସ୍ୱର । କଦମ୍ବ ଡ଼ାଳ ହଲୁଛି ଓ ଫୁଲ ଫୁଟିଛି, ମୟୁର ନୃତ୍ୟ କରୁଛି । କଳା ବାଦଲ ସାଇଁ ସାଇଁ ଚାଲୁଛି, ରଙ୍ଗ ବେରଙ୍ଗରେ ସଜ୍ଜା ହୋଇଛି କୁଞ୍ଜ । ଜୁଇ ଜାଇ ମାଳତି ଓ ହେନା ଫୁଲର ବାସ୍ନାରେ ମହକୁଛି । ଏପରି ସାଜସଜ୍ଜାରେ ସଜ୍ଜା ହୋଇଥିବା ମଂଚରେ ସଫଳ ଅଭିନୟ କରି ପ୍ରଶଂସା ସାଉଁଟିଛନ୍ତି ପ୍ରିୟମ୍ବଦା । ଏପରିକି ରାଧା ବେଶଧାରୀ କଳାକାର ପ୍ରିୟମ୍ବଦାଙ୍କୁ ସତ କୃଷ୍ଣ ଭାବି ଅଭିନୟ କରିଥାନ୍ତି ବୋଲି ସେ କହିଥିଲେ । ଦର୍ଶକଙ୍କ ତାଳି ଓ ଫୁଲମାଳ ପ୍ରଦାନରେ ନିଆରା ପରିବେଶ ସୃଷ୍ଟି ହୋଇଥାଏ । ଦୁର୍ଗା ଓ ଶ୍ରୀକୃଷ୍ଣ ଚରିତ୍ରରେ ସଫଳ ଅଭିନୟ କରିବାରେ ମାହିରି ପ୍ରିୟମ୍ବଦା । ମାଣବସା ଲକ୍ଷ୍ମୀ ପୁରାଣରେ ତାଙ୍କ ଅଭିନୟ ଉଚ୍ଚ ପ୍ରଂଶସନୀୟ ହୋଇଛି । ତରଙ୍ଗ ଚାନେଲରେ ସେ ଆଙ୍କର ଭାବେ କାର୍ଯ୍ୟ କରିଥିଲେ । ପୁରୀ ସମେତ ରାଜ୍ୟ ଓ ଦେଶର ବିଭିନ୍ନ ସ୍ଥାନରେ ଅଭିନୟ କରି ପ୍ରଶଂସାପତ୍ର ପାଇଛନ୍ତି । ରାଜସ୍ଥାନ, ଜୟପୁର ଜବାହର କଳା କେନ୍ଦ୍ର, ନଭି ମୁମ୍ବାଇର ଜଗନ୍ନାଥ ସେବକ ସଂଗଠନ, କର୍ଣ୍ଣାଟକର ନ୍ୟାସନାଲ କଲଚରାଲ ଫେଷ୍ଟ, ଆନ୍ଧ୍ରପ୍ରଦେଶର ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଦ୍ୟାପୀଠ, କେରଳର ନଟ୍ଟକୁଟୁମ୍ବ ଫେଷ୍ଟିଭାଲ, ରାଜ୍ୟସ୍ତରୀୟ ଅଭିନନ୍ଦନିକା ସମ୍ମାନ, ଶ୍ରୀକ୍ଷେତ୍ର ଶ୍ରୀ ସମ୍ମାନ, ସୋର ମହୋତ୍ସବ, ଜିଲ୍ଲାର ବିଭିନ୍ନ ମହୋତ୍ସବ ଓ ଅନୁଷ୍ଠାନର ଶତାଧିକ ପ୍ରଂଶସା ପତ୍ର ପାଇଛନ୍ତି । ଓଡ଼ିଶୀ କ୍ଲାସିକାଲ ଡ଼୍ୟାନ୍ସରେ ବେଶ ସଫଳତା ପାଇଛନ୍ତି । ଅଭିନୟ ପାଇଁ ତାଙ୍କ ପିତାଙ୍କ ପ୍ରେରଣା ଓ ମାତାଙ୍କ ସହଯୋଗ ଆଜି ତାଙ୍କୁ ଜଣେ ପ୍ରତିଷ୍ଠିତ କଳାକାର ଭାବେ ପରିଚିତ କରିଛି । ମାହାରୀ ଦେବଦାସୀ ନୃତ୍ୟର ମାଦକତାରେ ଦର୍ଶକ ହୋଇଛନ୍ତି ଆତ୍ମବିଭୋର । ସବୁ ସେଇ ଲୀଳାମୟ ନୀଳକନ୍ଦରର ନିଳାଦ୍ରୀନାଥ ଶ୍ରୀଜଗନ୍ନାଥଙ୍କ ଆର୍ଶୀବାଦ ଯୋଗୁ ନୃତ୍ୟ ଓ ଅଭିନୟରେ ଅଗ୍ରସର ହୋଇଛନ୍ତି ବୋଲି କହିଛନ୍ତି ପ୍ରିୟମ୍ବଦା । ମାଣବସା ଝୋଟି, ଚିତା, ପେଂଟିଙ୍ଗରେ ମଧ ସିଦ୍ଧହସ୍ତ ପ୍ରିୟମ୍ବଦା ।

## ବଡ଼ସାହି ନିର୍ବାଚନ ମଣ୍ଡଳୀର ଭାଜପା କୃଷକମୋର୍ଚ୍ଚା ପ୍ରଭାରୀଙ୍କ ନାମ ଘୋଷିତ

ବେତନଟୀ, ୮/୧ (ନି.ପ୍ର): ବଡସାହି ନିର୍ବାଚନମଣ୍ଡଳୀ ନିମନ୍ତେ ଭାଜପାର କୃଷକମୋର୍ଚ୍ଚା ପ୍ରଭାରୀ ହେଲେ ବୁଲୁ ମହାନ୍ତ ବେତନଟୀ ଥାନା ଦାନ୍ତିଆମୁହାଁ ପଞ୍ଚାୟତ ଅଧୀନ ମାଛୁଆ ଗ୍ରାମର ବୁଲୁ ମହାନ୍ତ ବର୍ତ୍ତମାନ ଭାରତୀୟ ଜନତା ପାର୍ଟିର କୃଷକମୋର୍ଚ୍ଚା ଜିଲ୍ଲାସମ୍ପାଦକ ଭାବେ ଦାୟୀତ୍ୱ ନିର୍ବାହ କରୁଛନ୍ତି ।ଭାଜପା କୃଷକମୋର୍ଚ୍ଚାର ରାଜ୍ୟ ସମ୍ପାଦକ ପାରା ହେମ୍ବ୍ରମଙ୍କ ଅନୁମୋଦନକ୍ରମେ ଶୁକ୍ରବାର ବୁଲୁ ମହାନ୍ତଙ୍କ ନାମ ଘୋଷଣା କରାଯାଇଛି। ବଡସାହି ନିର୍ବାଚନମଣ୍ଡଳୀର କୃଷକମୋର୍ଚ୍ଚା ପ୍ରଭାରୀ ନିମନ୍ତେ ବୁଲୁ ମହାନ୍ତଙ୍କ ସମେତ ବାରିପଦା, ମୋରଡା, ଉଦଳା ଏବଂ ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ନିମନ୍ତେ ମଧ କୃଷକମୋର୍ଚ୍ଚା ପ୍ରଭାରୀଙ୍କ ନାମ ଅନୁମୋଦନ କରାଯାଇଛି ।ଏନେଇ କୃଷକମୋର୍ଚ୍ଚା ରାଜ୍ୟ ସମ୍ପାଦକ ପାରା ହେମ୍ବ୍ରମ ୫ଟି ନିର୍ବାଚନମଣ୍ଡଳୀ ନିମନ୍ତେ କୃଷକମୋର୍ଚ୍ଚା ପ୍ରଭାରୀଙ୍କ ନାମ ଅନୁମୋଦନ ପୂର୍ବକ ରାଜ୍ୟ ସ୍ଥାୟୀ ଆବାହକଙ୍କ ନିକଟକୁ ପଠାଇଛନ୍ତି । ବଡ଼ସାହି ନିମନ୍ତେ ବୁଲୁଙ୍କ ନାମ ଘୋଷଣା ପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଛୁଟିଛି ଶୁଭେଚ୍ଛାର ସୁଅ ।

# ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଓ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପୂଣ୍ୟ ୧୩୬ ଶୁଭାବିର୍ଭାବ ମହୋତ୍ସବ

ଲଙ୍ଗଳେଶ୍ୱର , ୮/୧ (ନି.ପ୍ର): ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର କାଳିଝାଟି ପଡିଆରେ ଲଙ୍ଗଳେଶ୍ୱର ସତ ସଙ୍ଗ ବିହାର କେନ୍ଦ୍ର ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଓ ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଙ୍କ ୧୩୬ ତମ ଆବିର୍ଭାବ ମହୋତ୍ସବ ପାଳିତ ହୋଇ ଯାଇଛି, ସକାଳେ ଏହି ସୁସଜ୍ଜିତ ରଥରେ ଠାକୁର ଅନୁକୂଳ ଚନ୍ଦ୍ର ଙ୍କ ନଗର ପରିକ୍ରମା ପରିକ୍ରମା କରାଯାଇଥିଲା ।ସତ ସଙ୍ଗ କାର୍ଯ୍ୟକ୍ରମରେ ଡା: ଋତ୍ୱିକ ଅଜିତ କୁମାର ଦାସ ପୌରହିତ୍ୟରେ ମୁଖ୍ୟ ଅତିଥି ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବେ ଡ଼ାଃ ବିନାୟକ ମହାପାତ୍ର ସମ୍ମାନିତ ଅତିଥି ସମ୍ବାଦର ମହା ପ୍ରବନ୍ଧକ ଅରବିନ୍ଦ ଦାସ, ମୁଖ୍ୟ ଆଲୋଚକ ଶ୍ରୀଧର ସୁନ୍ଦର ମିଶ୍ର, ଆଲୋଚକ ଋତ୍ୱିକ ଅଧାପକ କେଦାରନାଥ ମହାନ୍ତି, ମହୋତ୍ସବ କମିଟି ର ଆବାହକ ସପ୍ରର ଚକ୍ରଧର ଜେନା, ଲଙ୍ଗଳେଶ୍ୱର ସତସଙ୍ଗ ବିହାର ସମ୍ପାଦକ ସଞ୍ଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ଋତ୍ୱିକ ରତ୍ନାକର ପଣ୍ଡା, ଚିତ୍ତରଞ୍ଜନ ତ୍ରିପାଠୀ, ହୃଦୟ ରଞ୍ଜନ ତ୍ରିପାଠୀ, ପ୍ରମୁଖ ମଞ୍ଚାସୀନଥିଲେ। ଶ୍ରୀ ଶ୍ରୀ ଠାକୁର ଙ୍କ ବାଣି ବିଷୟରେ ଆଲୋଚନା କରିଥିଲେ,ପରେ ଏକ ମାତୃ ସମ୍ମିଳନୀ, ସୁନାମଧନ୍ୟ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଷୀ ଙ୍କ ନୃତ୍ୟର ତାଳେ ତାଳେ ଝୁମିଲେ ଦର୍ଶକ, ଏହି ନିଶୁଳ୍କ ସ୍ୱାସ୍ଥ୍ୟ ଶିବିରକୁ ଆପୋଲୋ ହସ୍ପିଟାଲର ହୃଦରୋଗ ବିଶେଷଜ୍ଞ ଡ଼ାକ୍ତର ବ୍ରଜରାଜ ଦାସଙ୍କ ସମେତ ବହୁ ବରିଷ୍ଠ ଡାକ୍ତର ଯୋଗଦେଇ ରୋଗୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ,ଏହି ସ୍ୱାସ୍ଥ୍ୟ ଶିବିରକୁ ଦୁଇ ହଜାରରୁ ଅଧିକ ରୋଗୀ ସେମାନଙ୍କ ରୋଗ ପରୀକ୍ଷା କରାଇ ଔଷଧ ପ୍ରଦାନ କରିଥିଲେ। ଋତ୍ୱିକ ବାସୁଦେବ ବିହାରୀ, ସୁରେନ୍ଦ୍ର ପଟ୍ଟନାୟକ, ଭାସ୍କର ଚନ୍ଦ୍ର ବାରିକ,ବସନ୍ତ କୁମାର ସାହୁ, କାହ୍ନୁଚରଣ ପାଣିଗ୍ରାହୀ, ଅନ୍ତର୍ଯ୍ୟାମୀ ସାମନ୍ତରାୟ, ପ୍ରମୁଖ ପରିଚାଳନା କରିଥିଲେ।




# ଦୁଇବସ୍‌ରୁ ବିପୁଳ ପରିମାଣର ସ୍କ୍ରାପ ଜବତ: ଚାରି ଅଦାଲତ ଚାଲାଣ

କୋରେଇ, ୮/୧ (ନି.ପ୍ର): ପାଣିକୋଇଲି ପୁଲିସ ଦ୍ୱାରା ଗତକାଲି ସଂଧ୍ୟାରେ ଭୁବନେଶ୍ୱର ଓ କଟକରୁ କଲିକତା ଯାଉଥିବା ଦୁଇଟି ଯାତ୍ରୀବାହୀ ବସରୁ ବିପୁଳ ପରିମାଣର ସ୍କ୍ରାପ ଜବତ କରାଯିବା ସହିତ ଦୁଇଟି ବସର କଣ୍ଡକ୍ଟର ଓ ହେଲପରକୁ ଅଜି ଅଦାଲତ ଚାଲାଣ କରାଯାଇଛି। ପ୍ରକାଶ ଯେ ଗତ କାଲି ସନ୍ଧ୍ୟାରେ ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଗାଡି ଯାଂଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପାଣିକୋଇଲି ଥାନାର ସବଇନିସପେକ୍ଟର ପ୍ରକାଶ କୁମାର ପ୍ରଧାନ, ହାବିଲଦାର ସୁଲୋଚନ ବେହେରା, କନେଷ୍ଟବଳ ମନମୋହନ ବାରିକ, ଗୋଲକ ବିହାରୀ ସେଠୀ ଓ ରଂଜନ ଡ଼ାଙ୍ଗିଲ ପ୍ରମୁଖ ସାନ୍ଧ୍ୟକାଳୀନ ପେଟ୍ରୋଲିଂ କରୁଥିବାବେଳେ ବସଷ୍ଟପରେ ଗାଡି ଯାଂଚ କରିଥିଲେ। ଭୁବନେଶ୍ୱର ଓ କଟକରୁ କଲିକତା ଯାଉଥିବା ଦୁଇଟି ପରମେଶ୍ୱର ନାମକ ଏକ ଘରୋଇ ବସ(ଡ଼ବ୍ଲ୍ୟୁବି ୩୧-୮୮୯୨) ଓ ଜୟ ମାତା ଦି(ଡ଼ବ୍ଲ୍ୟୁ ବି୪୧ଜେ୯୪୯୯)କୁ ଅଟକାଇ ଯାଂଚ କରିଥିଲେ। ପରେ ଉକ୍ତ ବସ ଦୁଇଟିକୁ ପାଣିକୋଇଲି ଥାନାକୁ ଆଣି ବସର ଉପର ଥିବା ମାଲ ଖାଲି କରିବାରୁ ସେଥିରୁ ୧୩୦ ବସ୍ତା ସ୍କ୍ରାପ ଆଲୁମିନିୟମ ସହିତ କଟାଯାଇଥିବା ବିଦ୍ୟୁତ ତାର ବାହାରିଥିଲା । ଯାହାର ଆନୁମାନିକ ମୁଲ୍ୟ ୧୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ତେବେ ଉକ୍ତ ଘଟଣାରେ ଉଭୟ ଗାଡ଼ିର କର୍ମଚାରୀମାନେ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ତାହା ଚୋରା ବୋଲି ଜଣାପଡ଼ିଥିଲା। ମାଲ କଲାସ ପରେ ଉକ୍ତ ଯାତ୍ରୀବାହୀ ବସକୁ ଛଡାଯାଇଥିଲା । ଏ ନେଇ ସବଇନିସପେକ୍ଟର ଶ୍ରୀ ପ୍ରଧାନଙ୍କ ଏତଲା କ୍ରମେ ପାଣିକୋଇଲି ଥାନାରେ ଏକ ମାମଲା ୧୩/୨୪ ଧାରା ୩୭୯/୪୧୧/୩୪ରେ ରୁଜୁ ହେବା ସହିତ ପରମେଶ୍ୱର ବସର କଣ୍ଡକ୍ଟର କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ କାଙ୍ଗାଳି ରାଉତ(୫୨) ଓ ଖଲାସୀ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଥାନା ଅନ୍ତର୍ଗତ ବସନ୍ତପେଡ଼ି ଗ୍ରାମର ଲକ୍ଷ୍ମଣ ପ୍ରଧାନ(୩୬) ଏବଂ ଜୟ ମାତା ଦି ବସର କଣ୍ଡକ୍ଟର କଟକ ଜିଲ୍ଲା କିଶୋର ନଗର ଥାନା ଅନ୍ତର୍ଗତ ସୋନପୁର ଗ୍ରାମର ପ୍ରଭାସ କୁମାର ଲେଙ୍କା(୪୮) ଓ ଖଲାସୀ ଏହି ଥାନା ଅନ୍ତର୍ଗତ ମାନପୁର ଗ୍ରାମର ଅଭୟ କୁମାର ସ୍ୱାଇଁ (୫୧)ଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ସବଇନିସପ୍ଟେକ୍ଟର ବିଶ୍ୱରଂଜନ ଦାସଙ୍କ ସୂତ୍ରରୁ ପ୍ରକାଶ।

## ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ତାଲିମ ଶିବିର

ସମ୍ବଲପୁର, ୮/୧ (ନି.ପ୍ର): ମାନେଶ୍ୱର ବ୍ଲକ ଅନ୍ତର୍ଗତ ହୁମା ପଂଚାୟତର ପାଂଚ ଫୁଟ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହେଇଯାଇଛି। ତିନିଟି ପର୍ଯ୍ୟାୟରେ ବିଦ୍ୟାଳୟର ଛାତ୍ରୀମାନଙ୍କୁ ପ୍ରଶିକ୍ଷିକା ଗୀତା ପ୍ରଧାନ ଆତ୍ମରକ୍ଷାର କୌଶଳ ତାଲିମ ପ୍ରଦାନ କରିଥିଲେ। ଏ ଅବସରରେ ଶିବିରର ତାଲିମ ହାସଲ କରୁଥିବା ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମର ଆବଶ୍ୟକତା ତଥା ନିଜକୁ ରକ୍ଷା କରିବା ନେଇ ସଚେତନ କରିଥିଲେ। ନାରୀ ସବୁ କ୍ଷେତ୍ରରେ ନିଜର ପାରଦର୍ଶିତାର ପ୍ରଦର୍ଶନ କରୁଥିବା ବେଳେ ନିଜେ ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବାର ସାମର୍ଥ୍ୟ ରଖିଛି । ଏ ଦିଗରେ ଆତ୍ମରକ୍ଷା ତାଲିମର ଭୂମିକା ବିଷୟରେ ପ୍ରଧାନ ଶିକ୍ଷକ ଶ୍ରୀ ପାଣିଗ୍ରାହୀ ମତବ୍ୟକ୍ତ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର, ୮/୧ (ନି.ପ୍ର): ଜିଏମୟୁ ଜାତୀୟ ସେବା ଯୋଜନାର ଅଭିନବ ସଡକ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ ଓଡିଶାରେ ସଡକ ଦୁର୍ଘଟଣା ମୃତ୍ୟୁ ଦିନକୁ ଦିନକୁ ବଢିଚାଲିଛି। ଏହାର ମୁଖ୍ୟ କାରଣଗୁଡିକ ହେଉଛି ହେଲମେଟ ପରିଧାନ ନକରିବା, ଗାଡିକୁ ଅଧିକ ବେଗରେ ଚଲାଇଯିବା, ରାସ୍ତାର ବିପରୀତ ଦିଗରେ ଗାଡିକୁ ଚଳାଇବା,ଗାଡି ଚଳାଇବା ସମୟରେ ମୋବାଇଲେ ରେ କଥା ହେବା, ନାବାଳକଙ୍କୁ ଗାଡି ଦେବା ଆଦି । ଆଜି ସମ୍ବଲପୁର ଓଡ଼ିଶାର ଏହି ସଡକ ଦୁର୍ଘଟଣାର ଏକ ମୁଖ୍ୟ କେନ୍ଦ୍ର ହେବାକୁ ଯାଉଛି । ତେଣୁ ଏହି ସଡକ ଦୁର୍ଘଟଣାକୁ କିପରି ହ୍ରାସ କରାଯାଇପାରିବ ଏବଂ ଏକ ସୁସ୍ତ ସଡକ ବାତାବରଣ ସୃଷ୍ଟି କରାଯାଇପାରିବ ସେହି ଲକ୍ଷରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି । ରବିବାର ଜିଏମୟୁ ଜାତୀୟ ସେବା ଯୋଜନା, ସମ୍ବଲପୁରର ଆଂଚଳିକ ପରିବହନ କାର୍ଯ୍ୟାଳୟ ଏବଂ ଯାତାୟାତ ପୋଲିସର ମିଳିତ ସହଯୋଗର ପାଳିତ ହୋଇଯାଇଛି ସଡକ ସୁରକ୍ଷା ସପ୍ତାହ ୨୦୨୪ । ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ଶହେରୁ ଅଧିକ ସ୍ୱେଚ୍ଛାସେବୀ, ସାଧାରଣ ଲୋକ, ଅଧ୍ୟାପକ,କର୍ମଚାରୀ ମାନେ ଉପସ୍ଥିତ ରହି ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକରୁ ଲକ୍ଷ୍ମୀ ଟକିଜ୍ ଯାଏ ଏକ ସଚେତନାନା ପଦଯାତ୍ରା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ସଂଯୋଜକ ଡ଼ ଅତୁଲ କୁମାର ପ୍ରଧାନ ଏହାର ମୁଖ୍ୟ ଲକ୍ଷ୍ୟ ଏବଂ ସଡକ ଦୁର୍ଘଟଣାର ଭୟାବହତାତାର ରୂପରେଖ ରଖିଥିଲେ । ଏହି ଅବସରରେ ହେଲମେଟ ପିନ୍ଧିଥିବା ଚାଳକଙ୍କୁ ଗୋଟେ ନାଲି ଗୋଲାପ ଫୁଲ ଏବଂ ଯେଉଁମାନେ ହେଲମେଟ ପିନ୍ଧି ନଥିଲେ ସେମାନଙ୍କୁ ଏହାର ଭୟାବହତା ବୈଷୟରେ ବୁଝାଇବା ପାଇଁ ସ୍ୱେଚ୍ଛାସେବୀ ମାନଙ୍କୁ କହିଥିଲେ, ଯାହା ସାଧାରଣ ଲୋକ ଏବଂ ଉପସ୍ଥିତ ଅଧିକାରୀମାନଙ୍କୁ ବହୁତ ଆକର୍ଷିତ କରିଥିଲା । ଆଂଚଳିକ ପରିବହନ କାର୍ଯ୍ୟାଳୟ ଅଧିକାରୀ ରାମଦାସ ଟୁଡୁ ଏହି କାର୍ଯ୍ୟକର୍ମର ଉପାଦେୟତାକୁ ମଧ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ । ସେ ତାଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଏକ ମୋବଇଲେ ବାହାନାରେ ଅନେକ ଉପାଦେୟ ଭିଡ଼ିଓ ଦେଖାଇଥିଲେ । ଯାତାୟାତ ପୋଲିସର ଅଧିକାରୀ ନରେନ୍ଦ୍ର କୁମାର ଷଡ଼ଙ୍ଗୀ ମଧ ଉପସ୍ଥିତ ରହି ପଥଚାରୀମାନଙ୍କୁ ହେଲମେଟ ପରିଧାନ କରି ଏବଂ ସଡକ ନିୟମ ମାନି ଚାଲିବା ପାଇଁ ବୁଝାଇଥଲେ । ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ଼ ନିନା ଦାଶ ଏବଂ ଡ଼ ମୀନକେତନ ବାଗ ଉପସ୍ଥିତ ରହି ଛାତ୍ର ଛାତ୍ରୀମାନଂକୁ ଉତ୍ସାହିତ କରାଇଥିଲେ । ବିଶ୍ୱବିଦ୍ୟାଳୟର ଡ଼. ଅଲେଖ କୁମାର ସୁତାର , ଡ଼. ବିଭୁ କଲ୍ୟାଣ ମହାନ୍ତି, ଡ଼ ପ୍ରଶାନ୍ତ କୁମାର ସେଠୀ ଉପସ୍ଥିତ ରହି ଛାତ୍ର ଛାତ୍ରୀମାନଂକର ମାର୍ଗ ଦର୍ଶନ କରାଇଥିଲେ । ଜିଏମୟୁ ଜାତୀୟ ସେବା ଯୋଜନାର ଏହି ଅଭିନବ ସଡକ ସୁରକ୍ଷା କାର୍ଯ୍ୟକ୍ରମକୁ ଦେଖି ସାଧାରଣରେ ବହୁତ ପ୍ରଶଂସା ହେଉଛି ।

# ମିଶନଶକ୍ତି ପକ୍ଷରୁ ଏମବିକେ ମା' ମାନଙ୍କର କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବେତନଟୀ, ୮/୧ (ନି.ପ୍ର): ମିଶନଶକ୍ତି ପକ୍ଷରୁ ବେତନଟୀ ଏବଂ ବଡସାହି ବ୍ଲକର ଏମବିକେ ମା'ମାନଙ୍କୁ ଦିଆଯାଉଥିବା କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର ଗୁରୁବାର ଉଦଯାପିତ ହୋଇଯାଇଛି । ବେତନଟୀ କଲେଜଛକସ୍ଥିତ ସରକାରୀ ସ୍ୱୀକୃତିପ୍ରାପ୍ତ ବିଦ୍ୟାସାଗର କମ୍ପ୍ୟୁଟର ଶିକ୍ଷାନୁଷ୍ଠାନରେ ବେତନଟୀ ଏବଂ ବଡସାହିବ୍ଲକରୁ ମୋଟ ୧୩ଜଣ ଏମବିକେ ମା' ମାନଙ୍କୁ କମ୍ପ୍ୟୁଟର ତାଲିମ୍ ଦିଆଯାଇଥିଲା । ଗତ ଡିସେମ୍ବର ମାସ ୧୨ତାରିଖରୁ ଆରମ୍ଭ ହୋଇଥିବା କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର ୨୦ଦିନ ଧରି ଚାଲିବାପରେ ଜାନୁଆରୀ ୪ତାରିଖରେ ସମାପ୍ତ ହୋଇଛି । ବିଦ୍ୟାସାଗର କମ୍ପ୍ୟୁଟର ଶିକ୍ଷାନୁଷ୍ଠାନର ସମ୍ପାଦକ ସୌମ୍ୟଶଙ୍କର ଆଚାର୍ଯ୍ୟଙ୍କ ସଂଯୋଜନା ଏବଂ ପରିଚାଳନାରେ ପ୍ରଶିକ୍ଷଣ ଶିବିର ପରିଚାଳିତ ହୋଇଥିବା ବେଳେ ଉଦଯାପନୀ ଦିବସରେ ମିଶନଶକ୍ତିର ବେତନଟୀ ବ୍ଲକ ବିପିସି ରବୀନ୍ଦ୍ର ଚାନେ, ଓଡିଶା ଜୀବିକା ମିଶନର ବ୍ଲକ ପ୍ରୋଗ୍ରାମ ଅଫିସର ଡ. ସୁଶ୍ରୀ ମଧୁଛନ୍ଦା ବେହେରା, ବଡସାହିବ୍ଲକ ବିପିସି ଯୋଗେଶ ପରିଡା ପ୍ରମୁଖ ଅଧିକାରୀଗଣ ଉପସ୍ଥିତ ରହିଥିଲେ । ସମ୍ବଲପୁରସ୍ଥିତ ଓଡିଶା ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ କମ୍ପ୍ୟୁଟର ତାଲିମପ୍ରାପ୍ତ ଏମବିକେ ମା' ମାନଙ୍କୁ ପ୍ରମାଣପତ୍ର ଦିଆଯିବ ବୋଲି ଅନୁଷ୍ଠାନର ସମ୍ପାଦକ ଶ୍ରୀଯୁକ୍ତଆଚାର୍ଯ୍ୟ ସୂଚନା ଦେଇଛନ୍ତି । ଉଦଯାପନୀ କାର୍ଯ୍ୟକ୍ରମର ସଫଳ ସମାପନ ପରେ କମ୍ପ୍ୟୁଟର ପ୍ରଶିକ୍ଷକ ବଂଶୀଧର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚଣ୍ଡାଳ ଡ୍ୟାମ ବା ଏମଆଇପି ଜଳାଶୟ ପ୍ରକଳ୍ପକୁ ପର୍ଯ୍ୟଟନ ମାନ୍ୟତା ପ୍ରଦାନ ପାଇଁ ଦୃଷ୍ଟି ଦିଆଯାଉ

ବଲାଙ୍ଗିର, ୮/୧ (ନି.ପ୍ର): ଆଗଲପୁର (ଡୁଡୁକା ) ବ୍ଲକ ଅନ୍ତର୍ଗତ କୁଟାସିଂହା ପଂଚାୟତ ଡୁଙ୍ଗୁରିପାଲି ଗାଁ ନିକଟରେ ରହିଛି ଚଣ୍ଡାଳ ଡ୍ୟାମ୍। କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମ ଆଇ ପି) ଜଳାଶୟ ପ୍ରକଳ୍ପ। ବଣ ପାହାଡ଼ ଘେରା ପ୍ରାକୃତିକ ପରିବେଶରେ ଭରପୁର ଏହି ମନୋରମ ସ୍ଥାନ ଲୋକଙ୍କ ଦୃଷ୍ଟି ଆଢୁଆଳରେ ରହି ଯାଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ। ସାଲେଭଟା କୁଟାସିଂହା ରାସ୍ତାର ଡୁଙ୍ଗୁରିପାଲି ବିମଳେଶ୍ୱର ଶିବ ମନ୍ଦିର ଠାରୁ ୫୦୦ ମିଟର ଭିତରକୁ ଚାରି ଗୋଟି ପାହାଡକୁ ଘେରି ରହିଛି ଏହି ଜଳାଶୟ। ଯାହାର କ୍ଷେତ୍ରଫଳ ୩୦ ଏକରରୁ ଉର୍ଦ୍ଧ୍ୱ ହେବ। ଏଠିକାର ଶାନ୍ତ ସୁନ୍ଦର ପରିବେଶରେ ପିକନିକ କରିବାକୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ଲୋକ ଆସି ଭିଡ଼ ଜମେଇ ଥାନ୍ତି। ଗୋଟିଏ ପଟେ କଣ୍ଟଦେଇ ମନ୍ଦିର ଥିବାବେଳେ ଆଉ ଗୋଟିଏ ପଟେ ବିମଳେଶ୍ୱର ଶିବ ମନ୍ଦିର, ବାରପାହାଡ଼ ମନ୍ଦିର, ଶକ୍ତି ପୀଠ ମାହେଶ୍ୱରୀ ମନ୍ଦିର ଶୋଭା ପାଉଛି। ପ୍ରାକୃତିକ ସୁନ୍ଦରତାରେ ଭରପୁର ଏହି ସ୍ଥାନ ଲୋକଲୋଚନକୁ ଆସି ନ ଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି ଡୁଙ୍ଗୁରିପାଲି ଗ୍ରାମବାସୀ। ସହରାଂଚଳକୁ ଯେତେ ପ୍ରାଧାନ୍ୟ ଦିଆଯାଉଛି ଗ୍ରାମାଂଚଳକୁ ଦିଆଯାଉନାହିଁ ବୋଲି କହିଛନ୍ତି। ତେଣୁକରି ବନ ବିଭାଗ ରାଜ୍ୟ ପର୍ଯ୍ୟଟନ ବିଭାଗ ତଥା ଜିଲ୍ଲା ପ୍ରଶାସନ ଏହି ଡ୍ୟାମ କୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ଦିଗରେ ପଦକ୍ଷେପ ନେବାକୁ ଅଂଚଳ ବାସି ଦାବୀ କରିଛନ୍ତି।

# ମହୀପାଳ ସ୍କୁଲରେ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୮/୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ପୌର ସରକାରୀ ଉଚ୍ଚ ବିଦ୍ୟାଳୟ ରେ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ କାଉନସିଲର ତଥା ସ୍କୁଲ ଅଭିଯାନ କମିଟିର ସଭାପତି ଶରତ କୁମାର ବେହୁରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ପୌର ସଭ୍ୟା ଅସୀମା ନାୟକ, ଦୌତାରୀ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଣ୍ଣମୟୀ ଷଡଙ୍ଗୀ, ସୁଚିତ୍ରା ଜେନା, ରାହେଲା ମୁଜିବ, ଅହଲ୍ୟା ସାହୁ, ମହମ୍ମଦ ୟୁସୁଫ ଇକବାଲ, ସୌମ୍ୟରଂଜନ ପଟ୍ଟନାୟକ, ଶଶିରେଖା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ସଡ଼କ ସୁରକ୍ଷା ସପ୍ତାହ ପାଳନ-୨୦୨୪ ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୮/୧ (ନି.ପ୍ର):କେନ୍ଦ୍ରାପଡ଼ା ସଡ଼କ ସୁରକ୍ଷା ସମିତି ଆନୁକୂଲ୍ୟରେ ଆୟୋଜିତ ସଡ଼କ ସୁରକ୍ଷା ସପ୍ତାହ (୧ରୁ ୭ ଜାନୁଆରୀ)-୨୦୨୪ ପାଳନ ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ରାପଡ଼ା ପୌର ପରିଷଦ ଟାଉନ୍ ହଲ୍‌ଠାରେ ଜିଲ୍ଲା ପରିବହନ ଅଧିକାରୀ ଶ୍ରୀ ଧୀରେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ପାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ନିଲୁ ମହାପାତ୍ର ସଡ଼କ ସୁରକ୍ଷାର ସମସ୍ତ ନିୟମକୁ ମାନବା ପାଇଁ ଆହ୍ୱାନ ଜଣାଇଥିଲେ। ଏହି ସପ୍ତାହ ପାଳନର ଥିମ୍ "ସଡ଼କ ସୁରକ୍ଷା, ପରିବାର ରକ୍ଷା" ଉପରେ ଏକ ସାରଗର୍ଭକ ସମ୍ଭାଷଣ ପ୍ରଦାନ କରିଥିଲେ ଉତ୍ସବର ମୁଖ୍ୟ ବକ୍ତା ଅବସରପ୍ରାପ୍ତ ପ୍ରଫେସର ଶ୍ରୀ ନନ୍ଦ କିଶୋର ପରିଡ଼ା। ଦୁର୍ଘଟଣାର ଗୋଲଡେନ୍ ଆୱାର୍‌ରେ(ଦୁର୍ଘଟଣାର ୧ ଘଂଟା ମଧ୍ୟରେ) ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଡାକ୍ତରଖାନାରେ ପହଂଚାଇ ସେମାନଙ୍କ ଜୀବନ ରକ୍ଷା କରିବାରେ ଗୁରୁ ଦାୟିତ୍ୱ ତୁଲାଇଥିବା ୯ଜଣ ସୁନାଗରିକଙ୍କୁ ଉତରୀୟ, ପ୍ରମାଣପତ୍ର ଓ ଫାଷ୍ଟଏଡ୍ କିଟ୍ ଦେଇ "ଗୁଡ୍ ସମରିଟାନ୍ ଆୱାର୍ଡ୍" ପ୍ରଦାନ କରାଯାଇଥିଲା। ଜିଲ୍ଲା ଲୋକ ସଂପର୍କ ସୂଚନା ଅଧିକାରୀ ଆଲୋକ କୁମାର ମହାନ୍ତି ସଭା ପରିଚାଳନାରେ ସହାୟତା କରିଥିବା ବେଳେ କାର୍ଯ୍ୟକ୍ରମ ରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ, କର୍ମଚାରୀ ଓ ଅତିଥିଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ପ୍ରଭାସ ଚନ୍ଦ୍ର ଦାସ ସଡ଼କ ସୁରକ୍ଷାର ଶପଥପାଠ କରାଇଥିଲେ। ଏହି ଉପଲକ୍ଷେ ଆଜି ତିନିମୁହାଣୀ ଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ସଚେତନା ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ନିଲୁ ମହାପାତ୍ର।

# ଦାବି ପୂରଣ ନହେବାରୁ ପୁଣି ଅହୋରାତ୍ର ଆମରଣ ଅନଶନରେ ବସିଲେ ସରପଞ୍ଚ ଓ ସମିତି ସଭ୍ୟଙ୍କ ମିଳିତ ସଂଘ




ଲଙ୍ଗଳେଶ୍ୱର୮/୧( ନି ପ୍ର ) ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ନହେବାରୁ ଆଜିଠାରୁ ପୁଣି ବ୍ଲକ୍ କାର୍ଯ୍ୟାଳୟ ଆଗରେ ଆମରଣ ଅନସନରେ ବସିଲେ ସରପଞ୍ଚ ଓ ସମିତି ସଭ୍ୟଙ୍କ ମିଳିତ ସଂଘ।ସୂଚନାରୁ ପ୍ରକାଶ ବାଲିଆପାଳ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପି ଆର ଆଇ ମେମ୍ବର ମାନଙ୍କୁ ସାମ୍ବିଧାନିକ ବିଧି ବ୍ୟବସ୍ଥା ମୁତାବକ ନପଚାରିବା,ମହିଳା ସରପଞ୍ଚଙ୍କୁ ଦୁର୍ବ୍ୟବହାର କରିବା ତଥା ବିଡ଼ିଓ ଙ୍କ ମନମୁଖୀ କାର୍ଯ୍ୟ କଳାପ ଯୋଗୁଁ ବାଲିଆପାଳ ବ୍ଲକ ସଧପଞ୍ଚ ଓ ସମିତି ସଭ୍ୟ ମିଳିତ ସଂଘ ଦୀର୍ଘ ଦିନରୁ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା ଙ୍କ ବଦଳି ଦାବି କରିଆସୁଥିଲାବେଳେ ଗତ ୧୭ ଦିନ ତଳେ ସଂଘ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଅହୋରାତ୍ର ଆମରଣ ଅନସନରେ ବସିଥିଲେ। ସଂଘର ଦାବିକୁ ସମର୍ଥନ ଜଣାଇ ବ୍ଲକ୍ ଅଧକ୍ଷା ରଞ୍ଜିତା ନାୟକ ମଧ୍ୟ ଧାରଣାରେ ବସିଥିଲେ। ତେବେ ଅହୋରାତ୍ର ଆମରଣ ଅନଶନ ରେ ବସିଥିବା କିଛି ମହିଳା ଓ ବୟସ୍କ ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାରୁ ସ୍ଥାନୀୟ ଇଡକ୍କୋ ହସ୍ପିଟାଲ ରେ ଭର୍ତ୍ତି କରାଯାଇଥିଲା। ତେବେ ଏସବୁ ଘଟଣା ଦେଖି ଅତିରିକ୍ତ ଜିଲ୍ଲାପାଳ ଧାରଣାର ଦ୍ୱିତୀୟ ଦିନରେ ପହଂଚି ଆଲୋଚନା କରିବା ସହ ବିଡ଼ିଓଙ୍କ ବଦଳି ପାଇଁ ୧୫ ଦିନ ସମୟ ନେଇଥିଲେ। କିନ୍ତୁ ଗତ ୬ ତାରୀଖରେ ୧୫ ଦିନ ପୂରଣ ହୋଇଥିଲେ ମଧ୍ୟ ବିଡ଼ିଓଙ୍କ ବଦଳି ହୋଇନଥିବାରୁ,ଆଜି ଅହୋରାତ୍ର ଆମରଣ ଅନସନରେ ବସିବେ ବୋଲି ସଂଘ ସାମ୍ବାଦିକ ସମ୍ମିଳନୀ ମାଧମରେ ଚେତାବନୀ ଦେଇଥିଲେ। ତେବେ ଆଜିଠାରୁ ବିଡ଼ିଓ ବଦଳି ନହେବା ପର୍ଯ୍ୟନ୍ତ ଆମରଣ ଅନସନରେ ବସିବେ ବୋଲି ସଂଘ ଦେଇଛି ଚେତାବନୀ। ତେବେ ଦେଖିବାକୁ ବାକି ରହିଲା ରାଜ୍ୟ ସରକାର କ'ଣ ନେଉଛନ୍ତି ପଦକ୍ଷେପ ।

## ବିଚାରପତିଙ୍କ ଉଦ୍ୟମରେ ସମାଧାନ ହେଲା ସ୍ୱାମୀ ସ୍ତ୍ରୀଙ୍କ ବିବାଦ

କେନ୍ଦ୍ରାପଡ଼ା, ୮/୧ (ନି.ପ୍ର): କେନ୍ଦ୍ରାପଡ଼ା ପରିବାର ଅଦାଲତର ବିଚାରପତି ବିକାଶ ରଞ୍ଜନ ଦେ ଏକ ଭଙ୍ଗା ପରିବାରକୁ ଯୋଡ଼ି ପୁନର୍ବାର ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଦୂର କରି ଘର ସଂସାର କରିବା ପାଇଁ ଉଭୟଙ୍କୁ ସହମତ କରାଇଛନ୍ତି। ମିଳିଥିବା ସୂଚନା ଅନୁଯାଇ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବାଘୁଆ କେଶପୁର ଗ୍ରାମର ବାବନ ପ୍ରଧାନଙ୍କ କନ୍ୟା ରଶ୍ମିତା ପ୍ରଧାନ ନିକିରାଇ ଥାନା ଅନ୍ତର୍ଗତ ଗଙ୍ଗାଧର କୁଣ୍ଡୁଙ୍କ ପୁଅ ସର୍ବେଶ୍ୱର କୁଣ୍ଡୁଙ୍କ ସହିତ ୨୦୧୮ ମସିହା ମାର୍ଚ୍ଚ ମାସ ୧୨ ତାରିଖରେ ବିବାହ କରିଥିଲେ। ବିବାହର ବର୍ଷକ ପରେ ଏକ କନ୍ୟା ସନ୍ତାନ ଜନ୍ମ ହେବାପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ସୃଷ୍ଟି ହୋଇ ପରିବାର ଅଦାଲତରେ ଏକ ମାମଲା ରୁଜୁ କରାଯାଇ ଥିଲା। ବିଚାରପତି ଶ୍ରୀ ବିକାଶ ଚନ୍ଦ୍ର ଦେଙ୍କ ଉଦ୍ୟମରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଥିବା ବିବାଦର ସମାଧାନ ହୋଇଥିବା ଜଣାପଡ଼ିଛି। ଉଭୟ ସ୍ୱାମୀ ସ୍ତ୍ରୀ କନ୍ୟା ସନ୍ତାନକୁ ନେଇ ହସଖୁସିରେ ନିଜ ଘରକୁ ଫେରିଥିଲେ। ଉକ୍ତ ମାମଲାକୁ ବରିଷ୍ଠ ଆଇନଜୀବି ବିଚିତ୍ର କୁମାର ସାହୁ ଓ ସୁଧିର କୁମାର ପରିଡ଼ା ପରିଚାଳନା କରିଥିଲେ।

# ଡ୍ରିମ୍ସ ଆଇଡିଆଲ୍ ସ୍କୁଲର ୧୬ତମ ରାଜ୍ୟସ୍ତରୀୟ ଶଙ୍ଖ ଧ୍ୱନି ପ୍ରତିଯୋଗିତା ଓ ୨୧ତମ ବାର୍ଷିକ ଉତ୍ସବ



ବାଲେଶ୍ୱର, ୮/୧ (ନି.ପ୍ର): ଡ୍ରିମ୍ସ ଆଇଡିଆଲ୍ ସ୍କୁଲର ପ୍ରାୟୋଜିତ ରାଜ୍ୟସ୍ତରୀୟ ଶଙ୍ଖ ଧ୍ୱନି ପ୍ରତିଯୋଗିତା ସକାଳ ୧୦ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟ ଅତିଥି ରୂପେ ଡେପୁଟି କଲେକ୍ଟର ଶ୍ରୀମତୀ ଗାୟତ୍ରୀ ସୋରେନ, ସମ୍ମାନିତ ଅତିଥି ଭାବେ ମ୍ୟୁନିସିପାଲିଟି ଚେୟାରମେନ ଶ୍ରୀମତୀ ସବିତା ସାହୁ,୩୧ନମ୍ବର ଓ।ର୍ଡ କାଉନସିଲର ଶ୍ରୀମତୀ ରଞ୍ଜିତା ମହାପାତ୍ର ଓ ବାଲେଶ୍ୱର ସହଦେବଖୁଣ୍ଟା ଆଦର୍ଶ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀମତୀ ପ୍ରଜ୍ଞା ମହାନ୍ତି ପ୍ରତିଯୋଗିତା ର ଶୁଭ ଉଦ୍ଘାଟନ କରିଥିଲେ। ବିଭିନ୍ନ ଜିଲ୍ଲାର ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ। ବିଚାରକ ଥିଲେ ଅରଦ୍ଧଜଆର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ମେହ୍ଜବା ଆଲମ୍ ଓ ରୋଟାରୀ -ଅନ୍-ସି ର ସଭ୍ୟ ଶେଖ୍ ମୁକ୍ତାର । ଅପରାହ୍ନ ୩ଘଟିକା ସମୟରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ମାନ୍ୟବର ସଦର ବିଧାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ବିଦ୍ୟାଳୟର କଳାତ୍ମକ ରୁଚିର ପ୍ରଶଂସା କରିବା ସହ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ମୁଖ୍ୟବକ୍ତା ରୂପେ ରେମୁଣା ବିଧାୟକ ଶ୍ରୀ ସୁଧାଂଶୁ ଶେଖର ପରିଡ଼ା ଯୋଗଦେଇ ଅନୁଷ୍ଠାନର କୁନି କୁନି ପିଲାଙ୍କର ଅଭିଭାଷଣରେ ମୁଗ୍ଧ ହୋଇ ଏହାର ଦୀର୍ଘ ଜୀବନ କାମନା କରିଥିଲେ। ସମ୍ମାନୀତ ଅତିଥି ରୂପେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାଏକ ତାଙ୍କ ବକ୍ତବ୍ୟରେ ସ୍କୁଲ କୁ ଯଥା ଯୋଗ୍ୟସହଯୋଗ ପାଇଁ ସମ୍ମତି ପ୍ରଦାନ କରିଥିଲେ। ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଶ୍ରୀ ଗିରିଶ ଚନ୍ଦ୍ର ଦାଶ ବିଦ୍ୟାଳୟର ସଂଗଠନମୂଳକ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ବିଦ୍ୟାପୀଠର ସମ୍ପାଦିକା ଶ୍ରୀମତୀ ଅଞ୍ଜଳି ପଣ୍ଡା ଗଳ୍ପ ମାଧ୍ୟମରେ ପିଲାମାନଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ରୂପେ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣଚନ୍ଦ୍ର ଜେନା ତାଙ୍କ ବକ୍ତବ୍ୟରେ ସମସ୍ତଙ୍କୁ ଶାରୀରିକ ପରିଶ୍ରମ ସହ ଯୋଗ କରିବାକୁ ?ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ୧୮ନମ୍ବର ଓ।ର୍ଡ କାଉନସିଲର ଶ୍ରୀମତୀ ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ପିଲାଙ୍କ ପ୍ରତିଭାର ପ୍ରଶଂସା କରିଥିଲେ।ସଭାକାର୍ଯ୍ୟ ପରିଚାଳନା କରିଥିଲେ ବିଦ୍ୟାପୀଠର ପ୍ରତିଷ୍ଠାତା ଶ୍ରୀ ଗଙ୍ଗାଧର ଦାସ। ଅଧକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି ବିବରଣୀ ପାଠ କରିଥିଲେ । ରୋଟାରୀଆନ୍ ଶ୍ରୀ ଭାଗ୍ୟାହୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାଏକ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଅତିରିକ୍ତ ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀ ଅଶୋକ କୁମାର ବାରିକ, ସଙ୍ଗୀତ ଗୁରୁ ଶ୍ରୀ ନନ୍ଦ କିଶୋର ଦାସ ଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ଶେଷରେ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସହାୟତା କରିଥିଲେ ରେହାନା ବେଗମ୍, ସତ୍ୟଭାମା ପ୍ରଧାନ, ସ୍ମୃତି ରେଖା ଦାସ,ସ୍ମିତିସୁଧା ଦାସ, ଆରତୀ ଦାସ, ଅନୀତା ଦାସ, ଶାନ୍ତି ଲତା ଖଟୁଆ,ଆନ୍ନଲପ୍ରିୟା ବେହେରା, ଦେବୀ ଶ୍ରୀ ଗିରି, ସଞ୍ଜନା ପାତ୍ର, ତନୁଜା ରାଉତ, ଅନ୍ନପୂର୍ଣ୍ଣା ମଲ୍ଲିକ, ଭିତ୍ତି ମାଝୀ,ସରିଫୁଦ୍ଦିନ୍ ମହମ୍ମଦ,ରୁନି ସିଂ,ସୁଲତା ଜେନା, ଭଗବାନ ବେହେରା ପ୍ରମୁଖ କର୍ମଚାରୀ ଗଣ।

## ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ନୀଳଗିରି, ୮/୧ (ନି.ପ୍ର): ନୀଳଗିରି ଉପଖଣ୍ଡ ସଦର ମହକୁମାରେ ୭୫ତମ ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସହକାରୀ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ରଣା ଅଧ୍ୟକ୍ଷତା କରିଥିଲେ। ପାଳନ କମିଟିର ସମସ୍ତ ସଦସ୍ୟଙ୍କ ମତାମତ ଓ ପରାମର୍ଶ ଅନୁଯାୟୀ ଏହି ଐତିହାସିକ ଦିବସ ପାଳନ ଅବସରରେ ନୀଳଗିରି ସହରାଞ୍ଚଳରେ ପ୍ରତ୍ୟୁଷ ୪ଘଟିକା ସମୟରେ ଡ଼ାକବାଜି ଯନ୍ତ୍ର ଯୋଗେ ରାମଧୁନ ପ୍ରଚାର କରାଯିବ। ଏନଏସି ଅନ୍ତର୍ଗତ ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ସକାଳେ ୬ଟା ରୁ ୭ମଧ୍ୟରେ ପ୍ରଭାତଫେରୀ କରିବା ସହିତ ସରକାରୀ ବେସରକାରୀ କାର୍ଯ୍ୟାଳୟ, ଅନୁଷ୍ଠାନ, ବିଦ୍ୟାଳୟ ଗୁଡ଼ିକ ସକାଳ ୭ଘଟିକାରୁ ୭.୩୦ଘଟିକା ମଧ୍ୟରେ ସାଧାରଣ ପତାକା ଉତ୍ତୋଳନ କରିବା ପାଇଁ ସ୍ଥିର କରାଯାଇଛି। ଏହି ଜାତୀୟଦିବସ ପାଳନର ମୁଖ୍ୟ ଅତିଥି ଭାବରେ ଉପଜିଲ୍ଲାପାଳ ଯୋଗ ଦେଇ ଆନୁଷ୍ଠାନିକ ଭାବେ ସକାଳ ୮.୩୦ ସମୟରେ ଜାତୀୟ ପତାକା ଉତ୍ତୋଳନ, ସଲାମୀ ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ପୋଲିସ ବାହିନୀ ଏବଂ କଳାବିକାଶ କେନ୍ଦ୍ରର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ପରିବେଷଣ କରାଯିବ। ପରେ ମୁଖ୍ୟ ଅତିଥି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସ୍କାଉଟ, ଗାଇଡ, ରେଡକ୍ରସ ଓ ସିଭିଲିଆନ ମାନଙ୍କ ପ୍ୟାରେଡ ପରିଦର୍ଶନ କରିବା ସହିତ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେବେ।

GOVERNMENT OF ODISHA
OFFICE OF THE SUPERINTENDING ENGINEER,
SOROCANAL DIVISION, SORO
(E-mail id: eescdsoro@gmail.com)
E-procurement Notice No. SE/SCD-19 of 2023-24

| E-Procurement officer | Sl. No. | Name of the work | Bid id No-SESCD 19/2023-24 | Tender cost in Lakhs (Appx) | Bid security (online) | Cost of Bid Document (Online) | Period of completion | Availability of tender on line for bidding | | Date of opening of Bid |
|---|---|---|---|---|---|---|---|---|---|---|
| | | | | | | | | From | To | |
| Superintending Engineer,Soro Canal Division, Soro | 1 | Supplying, fitting and fixing of 1.0T A.C. & 1.5T A.C., Inverter and accessories for Office of the Superintending Engineer, Soro Canal Division, Soro. | SESCD- 19 of 2023-24 | 2.686 | 2700/- | 2,000/ | 15days | 10.01.24 11.30AM | 24.01.24 3.00PM | 24.01.24 3.30PM |

Further details can be seen from the Govtwebsitewww.tendersorissa.gov.in/www.dowrodisha.gov.in Addendum/ corrigendum/ cancellation if any required will be published in Govt. website only.

Superintending Engineer
Soro Canal Division,Soro

OIPR : 32265/11/0010/2324

GOVERNMENT OF ODISHA
OFFICE OF THE SUPERINTENDING ENGINEER,
SOROCANAL DIVISION, SORO
(E-mail id: eescdsoro@gmail.com)
E-procurement Notice No. SESCD-20 of 2023-24

| E-Procurement officer | Sl. No. | Name of the work | Bid id No-SESCD 20/2023-24 | Tender cost in Lakhs (Appx) | Bid security (online) | Cost of Bid Document (Online) | Period of completion | Availability of tender on line for bidding | | Date of opening of Bid |
|---|---|---|---|---|---|---|---|---|---|---|
| | | | | | | | | From | To | |
| Superintending Engineer,Soro Canal Division, Soro | 1 | Supplying, fitting and fixing of Desk top computers, colour printer and Laser Printer for the O/o the Superintending Engineer, Soro Canal Division, Soro | SESCD- 20 of 2023-24 | 1.23 | 1200/- | 600/ | 15days | 16.01.24 11.30AM | 30.01.24 3.00PM | 30.01.24 3.30PM |

Further details can be seen from the Govtwebsitewww.tendersorissa.gov.in/www.dowrodisha.gov.in Addendum/ corrigendum/ cancellation if any required will be published in Govt. website only.

Superintending Engineer
Soro Canal Division,Soro

OIPR : 32265/11/0009/2324

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ବିଲକିସ୍ ବାନୋ ...

ଦୋଷୀଙ୍କୁ ମୁକ୍ତ କରିବାକୁ ଚ୍ୟାଲେଞ୍ଜ କରି ସେମାନଙ୍କୁ ଜେଲ ପଠାଇବାକୁ ଦାବି କରାଯାଇଥିଲା। ଦ୍ୱିତୀୟଟିରେ ସୁପ୍ରିମକୋର୍ଟଙ୍କ ଆଦେଶର ପୁନର୍ବିଚାର କରିବାକୁ ଦାବି କରାଯାଇଥିଲା। ସୁପ୍ରିମକୋର୍ଟ ମେ' ୨୦୨୩ ରେ ଗୁଜରାଟ ସରକାର ଦୋଷୀମାନଙ୍କୁ ମୁକ୍ତ କରିବା ପାଇଁ ନିଷ୍ପତ୍ତି ନେବେ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ଶୁଣାଣି କରି ଜଷ୍ଟିସ ବି.ଭି ନାଗରତ୍ନା ଏବଂ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କ ସ୍ୱତନ୍ତ୍ର ବେଞ୍ଚ ୧୨ ଅକ୍ଟୋବର ୨୦୨୩ ରେ ରାୟ ସଂରକ୍ଷିତ ରଖିଥିଲେ। ୨୦୦୨ ଗୁଜୁରାଟ ଦଙ୍ଗା ସମୟରେ ବିଲକିସ ବାନୋଙ୍କୁ ଗଣଦୁଷ୍କର୍ମ କରିବା ସହ ତାଙ୍କ ପରିବାର ସାତ ଜଣ ସଦସ୍ୟଙ୍କୁ ଅତି ନିର୍ମମ ଭାବେ ନିର୍ଯାତନା ଦିଆଯାଇ ହତ୍ୟା କରାଯାଇଥିଲା। ସେହି ସମୟରେ ବିଲକିସ ବାନୋଙ୍କ ବୟସ ୨୧ ବର୍ଷ ଥିଲା ଓ ସେ ପାଞ୍ଚ ମାସର ଗର୍ଭବତୀ ଥିଲେ। ଏହି ମାମଲାରେ ମୁମ୍ବାଇର ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ୨୧ ଜାନୁଆରୀ ୨୦୦୮ରେ ସମସ୍ତ ୧୧ ଜଣ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଥିଲେ। ଏହି ନିଷ୍ପତ୍ତିକୁ ବମ୍ବେ ହାଇକୋର୍ଟ ମଧ୍ୟ ସମର୍ଥନ ଜଣାଇଥିଲେ।

## ତୀର୍ଥସ୍ଥଳୀକୁ ଭୋଗସ୍ଥଳୀ ...

ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର। ଦେଶର ବିଭିନ୍ନ ମନ୍ଦିର ଓ ଶକ୍ତି ପୀଠକୁ ନିମନ୍ତ୍ରଣ କରାଯାଉଛି। ଉତ୍ସବରେ ସାମିଲ୍ ହେବା ପାଇଁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି। ଏହାଛଡ଼ା ରାଜ୍ୟରେ ପ୍ରତି ଗାଁରେ ବୁଲୁଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରଥ। ଘରୁ ଆଦାୟ ହେଉଛି ଗୁଆ ଓ ଆରୁଆ ଚାଉଳ।

## ପୌର ନିର୍ବାହୀ ଅଧିକାରୀଙ୍କୁ ...

କର୍ମଚାରୀମାନେ ଧାଇଁ ଆସି ଅଭିଯୁକ୍ତ ଯୁବକ ଅଭିଷେକ ଗୁପ୍ତାଙ୍କୁ କାବୁ କରି ନେଇଥିଲେ। ଏନେଇ ତୁରନ୍ତ ବଡ଼ବିଲ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଯୁବକଙ୍କୁ ନିଜ ହେପାଜତକୁ ନେଇଥିଲା। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ପକ୍ଷରୁ ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ ଦିଆଯାଇଛି। ଏହା ପରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଅଭିଷେକଙ୍କ ମା' ଙ୍କ ଲତା ଦେବୀ କହିଛନ୍ତି ଯେ ତାଙ୍କ ପୁଅ ଯାହା କରିଛି ତାହା ଭୁଲ। ତାଙ୍କ ଘର ସମ୍ମୁଖରେ ସରକାରୀ ଜମିରେ କିଛି ଦୋକାନ ଘର ରହିଛି। ସେଗୁଡ଼ିକୁ ସେଠାରୁ ଉଚ୍ଛେଦ କରିବା ନିମନ୍ତେ ବର୍ଷ ବର୍ଷ ଧରି ସେ (ଅଭିଷେକ) ପୌର କାର୍ଯ୍ୟାଳୟକୁ ଧାଉଁଛନ୍ତି। ହେଲେ କିଛି ସୁଫଳ ମିଳି ନାହିଁ। ଏପରିକି ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ବି ନିରାଶ ହେବାକୁ ପଡ଼ିଥିଲା। ଏପରିକି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଅଭିଷେକ। ଏ ସମସ୍ତ ପ୍ରୟାସ ସତ୍ତ୍ୱେ ଦୋକାନଗୁଡ଼ିକ ସେହି ସ୍ଥାନରୁ ଉଚ୍ଛେଦ ନହେବାରୁ ସେ ଅଧିକାଂଶ ସମୟ ଚିନ୍ତାଗ୍ରସ୍ତ ରହୁଥିଲେ। ତେବେ ଆଜି ଅଭିଷେକ ଏଭଳି ପଦକ୍ଷେପ ନେବେ ବୋଲି ସେ ଜାଣି ନଥିଲେ ବୋଲି କହିଛନ୍ତି ଲତା ଦେବୀ। ଅନ୍ୟପକ୍ଷରେ ଏହି ଘଟଣା ନେଇ ବଡ଼ବିଲ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା କୌଣସି ପ୍ରତିକ୍ରିୟା ରଖିନାହାନ୍ତି।

## ଓଡ଼ିଶା ଟ୍ରାନ୍ସପୋର୍ଟ କର୍ମଚାରୀ...

କରାଯାଇଥିବା କଡ଼ା ଦଣ୍ଡ ବିଧାନ ବ୍ୟବସ୍ଥା ସମ୍ପର୍କରେ କେନ୍ଦ୍ର ଗୃହ ସଚିବଙ୍କ ସହ ମୁଖ୍ୟ ଶାସନ ସଚିବ ଆଲୋଚନା କରିଛନ୍ତି। ଡ୍ରାଇଭରଙ୍କ ବିରୋଧରେ ହୋଇଥିବା କଠୋର ଦଣ୍ଡ ବିଧାନ ଆଇନ୍ ଏବେ କାର୍ଯ୍ୟକାରୀ ହେବନି। ବିଭିନ୍ନ ରାଜ୍ୟ ସରକାର ଓ ଟ୍ରେଡ ୟୁନିୟନ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି କେନ୍ଦ୍ର ଗୃହ ସଚିବ ପ୍ରତିଶ୍ରୁତି ଦେଇଥିବା ମୁଖ୍ୟ ଶାସନ ସଚିବ କହିଥିଲେ। ଫଳରେ ଆମେ ଆନ୍ଦୋଳନ ପ୍ରତ୍ୟାହାର କରୁଛୁ। ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା କହିଛନ୍ତି, ଓଡ଼ିଶା ପରିବହନ କର୍ମଚାରୀ ମହାସଂଘ କମର୍ମକର୍ତ୍ତାଙ୍କ ସହ ରାଜ୍ୟ ସଚିବାଳୟରେ ହୋଇଥିବା ଆଲୋଚନା ସଫଳ ହୋଇଛି। ତେଣୁ ମହାସଂଘ ପକ୍ଷରୁ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ରାଜି ହୋଇଛନ୍ତି।

## ତେଜୁଛି ଲାକ୍ଷାଦ୍ୱୀପ...

ସେହିପରି ପୂର୍ବତନ କ୍ରିକେଟର ବିରେନ୍ଦ୍ର ସେହୱାଗ ମଧ୍ୟ ଭାରତର ବିଭିନ୍ନ ବେଳାଭୂମି ଫଟୋ ପୋଷ୍ଟ କରି ମାଳଦ୍ୱୀପକୁ ଜବାବ ଦେଇଛନ୍ତି । ସେପଟେ ମୋଦୀ ସରକାର ମାଳଦ୍ୱୀପ ମନ୍ତ୍ରୀଙ୍କ ବୟାନକୁ ନିନ୍ଦା କରିଛନ୍ତି । ଯେବେଠୁ ମାଳଦ୍ୱୀପର ନୂଆ ରାଷ୍ଟ୍ରପତି ଭାବେ ମହମ୍ମଦ ମୁଇଜ ଦାୟିତ୍ୱ ନେଇଛନ୍ତି ସେବେଠୁ ଭାରତ-ମାଳଦ୍ୱୀପ ମଧ୍ୟରେ ତିକ୍ତତା ଆରମ୍ଭ ହୋଇଛି । ଦାୟିତ୍ୱ ଗ୍ରହଣ କଲା ପରେ ମାଳଦୀପର ରାଷ୍ଟ୍ରପତିମାନେ ପ୍ରଥମେ ଭାରତ ଗସ୍ତ କରିଥାନ୍ତି । କିନ୍ତୁ ବର୍ତ୍ତମାନର ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ପରମ୍ପରା ଭାଙ୍ଗି ପ୍ରଥମେ ଭାରତ ବଦଳରେ ଚୀନ ଗସ୍ତ କରୁଛନ୍ତି । ଏହା ଭିତରେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ତିକ୍ତତା ବଢୁଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲାକ୍ଷାଦ୍ୱୀପ ଗସ୍ତ ଓ ପର୍ଯ୍ୟଟକଙ୍କୁ ଏଠାକୁ ଆସିବାକୁ ଯେଉଁ ଅପିଲ କରିଥିଲେ ତାକୁ ସହଜରେ ଗ୍ରହଣ କରିପାରିନଥିଲେ ମାଳଦ୍ୱୀପ ସରକାରଙ୍କ ୩ ମନ୍ତ୍ରୀ । ଭାରତ ବିରୋଧୀ ମନ୍ତବ୍ୟ ଦେବା ସହ ଲାକ୍ଷାଦ୍ୱୀପର ପର୍ଯ୍ୟଟନ ବ୍ୟବସ୍ଥାକୁ ସମାଲୋଚନା କରିଥିଲେ । ତେବେ ଘଟଣାକୁ ଗୁରୁତର ସହ ଗ୍ରହଣ କରି ମାଳଦ୍ୱୀପକୁ ତଲବ କରିଥିଲା ଭାରତ । ପରେ ମାଳଦ୍ୱୀପର ୩ ମନ୍ତ୍ରୀ ମରିୟନ ଶିଉନା, ମାଲଶା ସରିଫ ଓ ମହଜୁଦ ମଜିଦଙ୍କୁ କ୍ୟାବିନେଟର ନିଲମ୍ବିତ କରାଯାଇଥିଲା । ସେପଟେ ବୈଦେଶିକ ମନ୍ତ୍ରଣାଳୟରେ ହାଜର ହୋଇଛନ୍ତି ମାଳଦ୍ୱୀପ ରାଷ୍ଟ୍ରଦୂତ ଇବ୍ରାହିମ ସାହିବ ।

## ବିଜେପିକୁ ଝଟକା: ନିର୍ବାଚନ...

ଶପଥ ଗ୍ରହଣକୁ ନେଇ କଂଗ୍ରେସ ଆପତ୍ତି ଉଠାଇଥିଲା। ଏହା ଆଚରଣବିଧିର ଉଲ୍ଲଂଘନ ବୋଲି ଦର୍ଶାଇଥିଲା କଂଗ୍ରେସ। ଫଳାଫଳ ଆସିବା ପୂର୍ବରୁ ସୁରେନ୍ଦ୍ରଙ୍କ ଶପଥଗ୍ରହଣକୁ ବେଆଇନ ବୋଲି କଂଗ୍ରେସ କହିଥିଲା। ଗତବର୍ଷ ଡିସେମ୍ବର ୩ ତାରିଖରେ ରାଜସ୍ଥାନ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିଲା। ବିଜେପି ରାଜ୍ୟରେ ବହୁମତ ହାସଲ କରି କଂଗ୍ରେସ ଠାରୁ ଶାସନ ଗାଦି ଛଡ଼ାଇ ନେଇଥିଲା। ମୋଟ ୧୯୯ ଆସନରୁ ବିଜେପି ୧୧୫ ଆସନରେ ବିଜୟୀ ହୋଇଥିବା ବେଳେ କଂଗ୍ରେସ ୬୯ ଆସନରେ ବିଜୟୀ ହୋଇଥିଲା। ଏବେ ଗୁରମିତ ବିଜୟ ହେବା ପରେ କଂଗ୍ରେସର ମୋଟ ଆସନ ସଂଖ୍ୟା ୭୦ରେ ପହଞ୍ଚିଛି।

## ବିଜେଡିରୁ ଇସ୍ତଫା ଦେଲେ ପୂର୍ବତନ ...

କିଛି ଉଲ୍ଲେଖ କରି ନଥିଲେ। ତେବେ ଇସ୍ତଫା ଦେବା ପରେ ସେ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଇଚ୍ଛା କରିଥିଲି। କିନ୍ତୁ ଭେଟିବାକୁ ଦିଆଗଲାନି। ଜଣେ କର୍ମଚାରୀଙ୍କ ମାଧ୍ୟମରେ ଭେଟିବାକୁ କୁହାଗଲା। ଉଦ୍ୟମ କରି ବି ଭେଟିପାରିଲି ନାହିଁ। ତେଣୁ ଇସ୍ତଫା ଦେଲି। ବଳଭଦ୍ର କହିଥିଲେ, ବିଜୁ ଜନତା ଦଳରେ କୋଟେରୀ ଗ୍ରୁପ୍ ସକ୍ରିୟ ଅଛନ୍ତି। ପ୍ୟାରୀଙ୍କ ପାଖରେ ଯେଉଁ କୋଟେରୀ ଥିଲେ, ଏବେ ପାଣ୍ଡିଆନଙ୍କ ପାଖରେ ଅଛି। ସେହି କୋଟେରୀ ଥିବା ପର୍ଯ୍ୟନ୍ତ ମୋତେ କେବେ ବି ସୁଯୋଗ ମିଳିବନି। ବଳଭଦ୍ର ମାଝୀ ୫ ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ସେ ଦୁଇ ଥର ମନ୍ତ୍ରୀ (ନବୀନ ପଟ୍ଟନାୟକଙ୍କ ପ୍ରଥମ ଓ ଦ୍ୱିତୀୟ ପାଳିରେ) ମଧ୍ୟ ହୋଇଥିଲେ। ସେ କଳାହାଣ୍ଡି ଜିଲ୍ଲା ନର୍ଲା ବିଧାନସଭା ଆସନରୁ ୪ ଥର ନିର୍ବାଚିତ ହୋଇଥିବା ବେଳେ ଲାଞ୍ଜିଗଡ଼ ଆସନରୁ ଥରେ ବିଜୟୀ ହୋଇଥିଲେ। ୨୦୦୯ରେ ସେ ବିଜେଡି ଟିକେଟରେ ଲାଞ୍ଜିଗଡ଼ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇ ପରାସ୍ତ ହୋଇଥିଲେ। ତେବେ ୨୦୧୪ ବିଜେଡି ପୁଣି ତାଙ୍କୁ ଏହି ଆସନରୁ ପ୍ରାର୍ଥୀ କରିଥିଲା ଓ ସେ ବିଜୟୀ ହୋଇଥିଲେ। ତେବେ ୨୦୧୯ ନିର୍ବାଚନରେ ଦଳ ତାଙ୍କୁ ଟିକେଟ ଦେଇ ନଥିଲା। ତାଙ୍କ ବଦଳରେ ଦଳ ଲାଞ୍ଜିଗଡ଼ରେ ପ୍ରଦୀପ କୁମାର ଦିଶାରୀଙ୍କୁ ପ୍ରାର୍ଥୀ କରିଥିଲେ।

# ରାସ୍ତାରେ ଟ୍ରଲିରେ ଗଲାବେଳେ ସନ୍ତାନ ଜନ୍ମ ଦେଲେ ମହିଳା

ପାରାଦୀପ, ୮/୧ (ନି.ପ୍ର): ଜଣେ ମହିଳା ଙ୍କ ପ୍ରସବ ବେଦନା ହେବାରୁ ବାରମ୍ବାର ଆମ୍ବୁଲାନ୍ସ କୁ ଫୋନ କରି ବିଫଳ ହେବାପରେ ପ୍ରସୂତି ଙ୍କୁ ଟ୍ରଲି ରେ ଆଣି ଆସୁଥିବା ସମୟରେ ନୂଆବଜ଼ାର ରାଜରାସ୍ତା ରେ ମହିଳା ଙ୍କ ପ୍ରସୂତି କରିଛନ୍ତି । ଯାହା ସାଧାରଣ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି । ଶିଳ୍ପସମୃଦ୍ଧ ପାରାଦ୍ୱୀପ ଅଞ୍ଚଳ ରେ ମହିଳା ଜଣକ ପିଲାଜନ୍ମ କରିବା ର ଏକଘଣ୍ଟା ପରେ ପାରାଦ୍ୱୀପ ବନ୍ଦର ହସ୍ପିଟାଲ ର ଆମ୍ବୁଲାନ୍ସ ପହଞ୍ଚି ମା ଓ ପିଲାକୁ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିବା ବେଳେ ମା ଓ ପିଲା ଉଭୟ ସୁସ୍ଥ ରହିଥିବା ନେଇ ଡାକ୍ତର କହିଛନ୍ତି । ଭୋର ସମୟରେ ପାରାଦ୍ୱୀପ ମୁନିସିପାଲିଟି ଷଣ୍ଢକୁଦ ରେ ରହୁଥିବା ସରଫାତ ଖାଁ ଙ୍କ ପତ୍ନୀ ସଲାମୁନ ଖାତୁନ ଙ୍କ ପ୍ରସବ ବେଦନା ହେବାରୁ ୧୦୮ କୁ ଫୋନ କରିଥିଲେ । କିନ୍ତୁ ବାରମ୍ବାର ଆମ୍ବୁଲାନ୍ସ କୁ ଫୋନ କରି ବିଫଳ ହେବାପରେ ଟ୍ରଲି ସାହାଯ୍ୟରେ ମେଡିକାଲ ଆଣୁଥିବା ସମୟରେ ନୂଆବଜ଼ାର ଛକରେ ସଲାମୁନ ଙ୍କ ପ୍ରସବ ଯନ୍ତ୍ରଣା ଅସହ୍ୟ ହୋଇପଡିଥିବା ବେଳେ ସ୍ଥାନୀୟ ମହିଳା ମାନେ ନିକଟରେ ଥିବା ଜଣେ ଆଶାକର୍ମୀ ଙ୍କୁ ଡ଼ାକିବା ସହିତ ଟ୍ରଲି ରେ ଲୁଗାଢାଙ୍କି ମହିଳା ଙ୍କ ପ୍ରସବ କରାଇଥିଲେ । ଘଟଣା ସ୍ଥଳରେ ୧୮ ନମ୍ବର ୱାର୍ଡ ପାରିଷଦ କେ ଜଗନ୍ନାଥ ରାଓ ପହଞ୍ଚି ପାରାଦ୍ୱୀପ ବନ୍ଦର ହସ୍ପିଟାଲ କୁ ଫୋନ କରିବା ସହିତ ଆମ୍ବୁଲାନ୍ସ ପହଞ୍ଚି ଉଭୟ ମା ଓ ପିଲା କୁ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ଆଣିଥିଲା । ପିଲା ଓ ମା ମେଡିକାଲ ରେ ପହଞ୍ଚିବା ପରେ ସଙ୍ଗେସଙ୍ଗେ ଉଭୟ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଅନୁସଙ୍ଗିକ ଚିକିତ୍ସା କରିବା ପରେ ମା ଓ ପିଲା ଉଭୟ ସୁସ୍ଥ ରହିଥିବା ନେଇ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ଡାକ୍ତର ଦେବବ୍ରତ ସାହୁ । ତେବେ ପାରାଦ୍ୱୀପ ଭଳି ଏକ ଅଞ୍ଚଳ ରେ ଏହିଭଳି ଦୃଶ୍ୟ ସାଧାରଣ ରେ ଅଲୋଡ଼ନ ସୃଷ୍ଟି କରିଛି।



ମଙ୍ଗଳବାର, ଜାନୁଆରୀ ୯, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ବିଧବା ମା'ଙ୍କୁ ମିଳୁନାହିଁ ଭତା କି ଚାଉଳ: ପୁତ୍ର/ କନ୍ୟା ମାଡ଼ିପାରିଲେ ନାହିଁ ବିଦ୍ୟାଳୟର ମାଟି

ଉଦଳା , ୮/୧ (ନି.ପ୍ର): କପ୍ତିପଦା ବ୍ଲକର ପଦ୍ମପୋଖରି ପଂଚାୟତ ଅନ୍ତର୍ଗତ ଶାସନସାହିରେ ବାସ କରୁଥିବା ଜଣେ ବିଧବା ମହିଳା ସୁର ସିଂଙ୍କ ଦୁଃଖ କହିଲେ ନସରେ । ଏପର୍ଯ୍ୟନ୍ତ ତାଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଭତା କିମ୍ବା ଖାଦ୍ୟ ଯୋଜନାରେ ଚାଉଳ ମିଳିପାରି ନାହିଁ । ଅତିତରେ ସୁର ମାଙ୍କଡ଼ପଡ଼ାରେ ବାସ କରୁଥିଲେ । କିନ୍ତୁ ଦୈନନ୍ଦିନର ଗୁଜୁରାଣ ମେଂଟାଇବା ପାଇଁ ଶାସନ ସାହିରେ କାମ ଧନ୍ଦା ମିଳିଯିବାରୁ ବର୍ତମାନ ସେ ଏହି ଗ୍ରାମରେ ବାସ କରୁଛନ୍ତି । ଭତା ଓ ଚାଉଳ ପାଇବା ପାଇଁ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ଦଉଡ଼ି ଦଉଡ଼ି କୌଣସି ସୁଫଳ ମିଳିପାରିନଥିବାର କଥା ଜଣାଇଛନ୍ତି । ଏପରିକି ତାଙ୍କର ୧୨ ବର୍ଷ ବୟସର କନ୍ୟା 'ମାକି' ଓ ୮ ବର୍ଷ ବୟସର ପୁତ୍ର ବାଜୁରାମ ଏପର୍ଯ୍ୟନ୍ତ ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି । ଏହି ଦୁଇ ପୁତ୍ର ଓ କନ୍ୟାଙ୍କର ଆଧାର କାର୍ଡ଼ ନଥିବା ଯୋଗୁଁ ତାଙ୍କୁ କୌଣସି ବିଦ୍ୟାଳୟ ଆଡ଼ମିସନ ନେଉ ନଥିବାର କଥା ସୁର କହିଛନ୍ତି । ଏପରିକି ଖାଦ୍ୟ ଯୋଜନାରେ ମଧ ଏହି ଦୁଇ ସନ୍ତାନ ସାମିଲ ହୋଇପାରି ନଥିବା ଯୋଗୁଁ ତାଙ୍କୁ ଚାଉଳ ମଧ ମିଳୁ ନଥିବାର ଜଣାଯାଇଛି । କର୍ତୃପକ୍ଷ ଏହି ବିଧବା ମହିଳାଙ୍କ ପରିବାରକୁ ତୁରନ୍ତ ସହଯୋଗର ହାତ ବଢ଼ାଇବାକୁ ବିଭିନ୍ନ ମହଲରେ ଦାବି ହେଉଛି ।



## ନୀଳଗିରି ରିଚଲୁକ୍ ପ୍ଲେ ସ୍କୁଲର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ



ନୀଳଗିରି , ୮/୧ (ନି.ପ୍ର): ନୀଳଗିରି ସହରର ପ୍ରତିଷ୍ଠିତ ଇଂରାଜୀ ମାଧମ ବିଦ୍ୟାଳୟ ରିଚଲୁକ୍ ପ୍ଲେସ୍କୁଲର ତୃତୀୟ ବାର୍ଷିକ ଉତ୍ସବ ତଳସଡକ ସ୍ଥିତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ରବିବାର ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର ଅଧକ୍ଷା ମଧୁସ୍ମିତା ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ ଯୋଗ ଦେଇ କୃତୀ କୁନିକୁନି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ନିର୍ଦ୍ଦେଶକ ଶାନ୍ତନୁ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମ୍ମାନୀତ ଅତିଥି ଭାବରେ ନୀଳଗିରି ମହିଳା ମହାବିଦ୍ୟାଳୟର ଅଧାପକ ପ୍ରଦୀପ୍ତ ମିଶ୍ର ଯୋଗ ଦେଇ କୁନିକୁନି ଛାତ୍ରଛାତ୍ରୀ ମାନଙ୍କ ମଧରେ ଥିବା ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିବାର ଶ୍ରେଷ୍ଠ ମାଧମ ହେଉଛି ଏଭଳି କାର୍ଯ୍ୟକ୍ରମ ବୋଲି ଉପସ୍ଥିତ ଛାତ୍ରଛାତ୍ରୀ ଏବଂ ସେମାନଙ୍କର ଅଭିଭାବକ ମାନଙ୍କୁ ଉଦବୋଧନ ଦେଇଥିଲେ । ପିଲା ମାନଙ୍କ ମଧରେ ଏଭଳି ପ୍ରତିଯୋଗିତା ଅନୁଷ୍ଠିତ କରାଇବା ଦ୍ୱାରା ନୂତନ ସୃଜନୀର ଏକ ବଳିଷ୍ଠ ମାଧମ ହୋଇ ଆଗାମୀ ଦିନରେ ସେମାନଙ୍କୁ ଉଚ୍ଚ ସୋପାନକୁ ଅତିକ୍ରମ କରିବାରେ ସହାୟତା ହୋଇପାରିବ ବୋଲି ରତ୍ନାକର ଟାଉନ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ମତ ରଖିଥିଲେ । ପୁରସ୍କାର ବିତରଣ ଉତ୍ସବ ପରେ କୁନି କୁନି ପିଲା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଲୋପାମୁଦ୍ରା ମହାପାତ୍ର, ଶକୁନ୍ତଳା ସିଂ ସହଯୋଗ କରିଥିଲେ ।

## ଆମ୍ବେ-୮୩ର ଅଷ୍ଟମ ବାର୍ଷିକ ବନ୍ଧୁମିଳନ ଉତ୍ସବ



ବେତନଟୀ, ୮/୧ (ନି.ପ୍ର): ବେତନଟୀ ଏମ୍.ପି.ସି ହାଇସ୍କୁଲ ୧୯୮୩ ବ୍ୟାଚ ଛାତ୍ରମାନଙ୍କର ଏକ ପରିବାର ସହ ବନ୍ଧୁମିଳନ ଉତ୍ସବ ଆଜି ବଡସାହି ବ୍ଲକ ଅନ୍ତର୍ଗତ ପାଉଁଶିଆ ବନ୍ଧ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ସତୀଶ କୁମାର ସାହୁଙ୍କ ଅଧକ୍ଷତାରେ ଏଥି ନିମନ୍ତେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସଂପାଦକ ସଞ୍ଜୟ କୁମାର ଭୂୟାଁ ପରିବେଶ ସୁରକ୍ଷା ସମ୍ପର୍କରେ ସମସ୍ତଙ୍କୁ ବାର୍ତ୍ତା ପ୍ରଦାନ କରିଥିଲେ । ସଭାରେ ପାଉଁଶିଆ ବନ୍ଧର ଉନ୍ନତିକରଣ ଆଜି ପର୍ଯ୍ୟନ୍ତ ହୋଇପାରୁନଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା । ବଣଭୋଜି ଋତୁରେ ହଜାର ହଜାର ଲୋକ ଏଠାକୁ ଆସି ବଣଭୋଜିର ଆନନ୍ଦ ନେଇଥାନ୍ତି । ମାତ୍ର ଏଠାରେ ମହିଳାମାନଙ୍କ ନିମନ୍ତେ ଶୌଚର କୌଣସି ବ୍ୟବସ୍ଥା ନାହିଁ । ଫଳରେ ସେମାନେ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ପିଇବା ପାଣି ନିମନ୍ତେ ଏକମାତ୍ର ନଳକୂପ ରହିଛି ଯାହାକି ବଣଭୋଜି ସମୟରେ ବହୁତ ଭିଡ଼ ହେଉଛି ଓ ନଳକୂପ ପାଣି ପିଇବା ଅନୁପଯୁକ୍ତ ହୋଇପଡୁଛି । ବନ୍ଧ କଡ଼ରେ ନାନା ଆବର୍ଜନା ପଡ଼ି ବାୟୁମଣ୍ଡଳ ଦୂଷିତ ହେବାରେ ଲାଗିଛି । ପରିବେଶ ପ୍ରଦୂଷଣ କାହାରି ଦୃଷ୍ଟିରେ ପଡୁ ନାହିଁ । ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ ସ୍ଥାନୀୟ ଗ୍ରା.ପ.ର ପୂର୍ବତନ ସରପଞ୍ଚ ନରେନ୍ଦ୍ର ସିଂ କହିଥିଲେ ଯେ ଏହି ବନ୍ଧର ମରାମତି ନିମନ୍ତେ ରାଜ୍ୟ ସରକାର ୫୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି ଯାହାକି ଆଗାମୀ ନିର୍ବାଚନ ପୂର୍ବରୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ଅନୁଷ୍ଠାନ ତରଫରୁ ଅନେକ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କୁଇଜ୍ , ରାମ୍ପ ସୋ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା । କୃତି ମାନଙ୍କୁ ସଙ୍ଗେ ସଙ୍ଗେ ପୁରସ୍କାର ମଧ ବିତରଣ କରାଯାଇଥିଲା । ବନ୍ଧୁମିଳନରେ ସହଯୋଗ କରିଥିଲେ ଅନୁଷ୍ଠାନର ଉପସଭାପତି (୧)ରଞ୍ଜନ କୁମାର ମହାନ୍ତି, ଉପସଭାପତି (୨) ସୂର୍ଯ୍ୟାନନ୍ଦ ନାୟକ, କୋଷାଧକ୍ଷ ଶ୍ୟାମ ପ୍ରସାଦ ମଡୁଆଳ,ସହ ସମ୍ପାଦକ ରାଜେଶ କୁମାର ଖଣ୍ଡେଲୱାଲ , ସଦସ୍ୟ ମନୋଜ କୁମାର ମହାନ୍ତ, ମନୋରଞ୍ଜନ ସାହୁ, ରଘୁନାଥ ଭୋଇ,କାଳିଶଙ୍କର ସାହା, କରୁଣାକର ସାହୁ, ରବିନ୍ଦ୍ର କୁମାର ପରିଡ଼ା ପ୍ରମୁଖ ଓ ଗଣେଶ୍ୱର ବିନ୍ଧାଣି ଧନ୍ୟବାଦ ପ୍ରଦାନ କରିଥିଲେ ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବାସଭବନକୁ ଅଣ୍ଡାମାଡ

ଭୁବନେଶ୍ୱର, ୮/୧ (ନି.ପ୍ର): ହାଇଟେକ୍ ରେ ଏସି ବିସ୍ଫୋରଣଜନିତ ମୃତ୍ୟୁ ଘଟଣାର ପ୍ରତିବାଦ କରିଛି ଛାତ୍ର କଂଗ୍ରେସ । ସୋମବାର ଦିନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଏବଂ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ମିଳିତ ନେତୃତ୍ୱରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀଙ୍କ ସରକାରୀ ବାସଭବନ ଘେରାଉ କରାଯାଇଥିଲା । ହାଇଟେକ ହସପିଟାଲରେ ଚିକିତ୍ସିତ ରୋଗୀଙ୍କୁ ହତ୍ୟା କରାଯାଇଛି ବୋଲି ଉଭୟ ସଂଗଠନ ପକ୍ଷରୁ ଦାବି କରାଯାଇଛି । ଶତାଧିକ ଛାତ୍ର କଂଗ୍ରେସ କର୍ମୀମାନେ ଏକ ରାଲିରେ ଆସି ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଭୁବନେଶ୍ୱର ସ୍ଥିତ ସରକାରୀ ଘର ଉପରକୁ ଅଣ୍ଡା ମାଡ଼ କରିଛନ୍ତି ।

## ସ୍ୱାଧିନତା ସଂଗ୍ରାମରେ ଭଦ୍ରକର ଅବଦାନ ଅତୁଳନୀୟ




ଭଦ୍ରକ , ୮/୧ (ନି.ପ୍ର): ଜାତୀୟ ସ୍ୱାଧିନତା ସଂଗ୍ରାମ, ଓଡ଼ିଶା ତଥା ଭାରତର ରାଜନୀତି, ସାହିତ୍ୟ, ସଂସ୍କୃତି, ନାଟକ, କଳା, ବାଣିଜ୍ୟ ଆଦି ବହୁ କ୍ଷେତ୍ରରେ ଭଦ୍ରକର ଅବଦାନ ଅତୁଳନୀୟ ବୋଲି ଭଦ୍ରକର ଗାନ୍ଧିପଡିଆ ଠାରେ ଅଷ୍ଟମ ଭଦ୍ରକ ସାସ୍କୃତିକ ମହୋତ୍ସବର ପଂଚମ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଭଦ୍ରକ ସାସ୍କୃତିକ ମହୋତ୍ସବର ପଂଚମ ସନ୍ଧ୍ୟାରେ ମହୋତ୍ସବ କମିଟିର ସ୍ଥାୟୀ ସଭାପତି ରବିନାରାୟଣ ଖିଲାରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଡେପୁଟି କଲେକ୍ଟର କାର୍ତିକ ନାଥ ମଣ୍ଡଳ ମୁଖ୍ୟଅତିଥି, ସ୍ୱଳ୍ପ ସଂଚୟ ଅଧିକାରୀ ପଦ୍ମନ ରାୟ ବିଶିଷ୍ଟ ଅତିଥି, ଅଧ୍ୟାପକ ନିହାର ରଂଜନ କର ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ଡ.ହରିହର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଉତ୍ସବକୁ କମିଟିର ସଂପାଦକ ଆଶିଷ ଅମିତାଭ ମହାପାତ୍ର ,କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୌଇତି , କାର୍ଯ୍ୟକାରୀ ସଭାପତି ଜଗବନ୍ଧୁ ବେହେରା ,ଉପଦେଷ୍ଟା ଉମା କଲ୍ୟାଣ ମହାପାତ୍ର,ଆବାହକ ଅବିନାଶ ପଣ୍ଡା, ରାଜେଶ ଦାସ, ଶୁଭଦୀପ ମଲ୍ଲିକ, ଶଙ୍କର୍ଷଣ ରାଓ, ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢୀ, ଶିକ୍ଷୟିତ୍ରୀ ମନୋରମା ରାୟ, ରାଜେଶ ଦାସ, ସଦସ୍ୟା କଳ୍ପନା ଜେନା, ତେଜସ୍ୱନୀ ଦାସ, ସସ୍ମିତା ବଳ, ସୀତାକନ୍ତ ପାଢୀ , ଶାନ୍ତନୁ ଦଳେଇ ପ୍ରମୁଖ ପରିଚାଳନା କରିଥିଲେ । ସାଂସ୍କୃତିକ ସଂପାଦକ ରାମନାରାୟଣ ମହାନ୍ତି ପ୍ରାରମ୍ଭିକ ସଂଗୀତ ଗାନ କରିଥିବାବେଳେ , ଡେପୁଡି କଲେକ୍ଟର ଶ୍ରୀ ମଣ୍ଡଳ ୮ ଗୋଟି ଭଜନ ଓ ଆଧୁନିକ ସଂଗୀତ ଗାଇବା ସହିତ କଣ୍ଠଶିଳ୍ପୀ ଶଶିକଳା ମିଶ. ଭଦ୍ରକ ଡ୍ୟାନ୍ସ ଏକାଡେମି, ମଉଡମଣୀ ଡ୍ୟାନ୍ସ ଗ୍ରୁପର ପିଲାମାନେ ନୃତ୍ୟ ଓ ମନୋରଂଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଡିଜିସିଏ ବଢ଼ାଇଲା ବିମାନ ଚାଳକ ଦଳର ଆରାମର ସମୟ

ନୂଆଦିଲ୍ଲୀ, ୮/୧ (ନି.ପ୍ର): ନାଗରୀକ ଉଡ୍ଡୟନ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଅନ୍ତରାଷ୍ଟ୍ରୀୟ ମାନକର ଅନୁରୂପ ଉଡ଼ାନ ଚାଳକ ଦଳ ପାଇଁ ଡ୍ୟୁଟି ସମୟରୁ ଯୋଡ଼ିଥିବା ନିୟମରେ ମହତ୍ୱପୂର୍ଣ୍ଣ ପରିବର୍ତନ କରିଥିଲେ । ନୂଆ ନିୟମରେ ଉଡ଼ାନ ଚାଳକ ଦଳର ସାପ୍ତାହିକ ଆରାମର ଅବଧିକୁ ୩୬ ଘଂଟାରୁ ବଢ଼ାଇ ୪୮ ଘଂଟା କରାଯାଇଥିଲା, ତେବେ ତାଙ୍କୁ ଥକାରୁ ବାହାରିବା ପାଇଁ ପର୍ଯ୍ୟାପ୍ତ ସମୟ ମିଳିପାରେ । କେନ୍ଦ୍ର ବେସାମରିକ ବିମାନ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିୟା ସୋସିଆଲ ମିଡିଆରେ ମଧ ଏହାକୁ ସ୍ପଷ୍ଟ କରିଛନ୍ତି ଏବଂ କହିଛନ୍ତି ଯେ ଆମର ପାଇଲଟଙ୍କ ପାଇଁ ଉଡ଼ାନ ଡ୍ୟୁଟି ସମୟ ସହିତ ଯୋଡ଼ିଥିବା ସୁଧାରକୁ ଆଣାଯାଇଛି । ପାଇଲଟ ରୋଷ୍ଟର, ଥକାନ ସହିତ ସମ୍ବନ୍ଧିତ ରିପୋର୍ଟ ଏବଂ ପାଇଲଟ୍ ସହିତ ସିଧା ଫିଡବ୍ୟାକର ଗହନ ବିଶ୍ଳେଷଣ ପରେ ସଂଶୋଧିତ ଏଫଡିଟିଏଲ୍ ନିୟମ ଆଣିଛନ୍ତି ।

## ଉଦଳା କଲେଜ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ




ଉଦଳା, ୮/୧ (ନି.ପ୍ର): ଉଦଳା କଲେଜରୁ ୧୯୯୪ରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ପୁରାତନ ଛାତ୍ରଛାତ୍ରୀଙ୍କର ଏକ ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ନାଗପାଳସ୍ଥ ଇନ୍ଦୁମତି କଲ୍ୟାଣ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପୁରାତନ ଛାତ୍ର ସମରଜିତ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରଥମେ ଦିବଂଗତ ବନ୍ଧୁବାନ୍ଧବୀ ତଥା ଅଧାପକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମରେ ୭୦ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ବିଗତ ଦିନର ସ୍ମୃତି ରୋମନ୍ଥନ କରିବା ସହ ପରସ୍ପର ମଧରେ ନିଜନିଜର ଅନୁଭୂତି ବାଣ୍ଟିଥିଲେ । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ କିପରି ଅଧିକ ସରସସୁନ୍ଦର କରାଯାଇ ପାରିବ ସେନେଇ ଅନେକ ମତ ରଖିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ରାଜେଶ ମିଶ୍ର, ଅତନୁ ପଟ୍ଟନାୟକ, ଗିରିଜାଶଙ୍କର ସାହୁ, ଦୀପକ ଦାସ, ଲତିକା ଦାସ, ସତ୍ୟେନ୍ଦୁ ଜେନା, ନଳିନୀ ପଟ୍ଟନାୟକ, ଶରତ ପାତ୍ର ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ଶଶିରଞ୍ଜନ ମଲ୍ଲିକ, ସଞ୍ଜିବକୁମାର ଜେନା, ସୁଶାନ୍ତ ମହାନ୍ତି, ଅଜୟ ମୁର୍ମୁ, ଗୋପୀନାଥ ଦାସ, ଅରୁଣ ମହାନ୍ତି, କୈଳାସ ବେହେରା, ଅନୁପମା ସାହୁ, ଅନ୍ନପୂର୍ଣ୍ଣା ମହାନ୍ତି, ରାଜେଶ ଦାଶ, ସରୋଜ ସାହୁ, ବିନୋଦ ପରିଡ଼ା, ଅଜୟ ବାରିକ, ରବିନ୍ଦ୍ର ନାୟକ, କୁଳମଣି ବେହେରା, ଅଶ୍ୱିନୀ ସିଂହ, ସୁରେଶ ବେହେରା, ହେମନ୍ତ ଦାଶ, ରଜତ ବିଶ୍ୱାଳ, ସୁମନ୍ତ ମିଶ୍ର, ଲକ୍ଷ୍ମୀଧର ହାଁସଦା, ସୁନାଶିର ପୃଷ୍ଟି, ପ୍ରସନ୍ନ ମିଶ୍ର, ସୁକେନ ପୃଷ୍ଟି, ଜିତେଶ କୁମାର ଦାସ, ରଞ୍ଜନକୁମାର ବେହେରା, ଦୀପିକା ସିଂ, ସୌଭାଗିନୀ ଦାସ, ଲଳିତା ବିନ୍ଧାଣି, ନିଖିଳକୁମାର ଦାସ, ସେକ୍ ରିଆଜ୍, ରଞ୍ଜନ ବେହେରା, ଚନ୍ଦନକୁମାର ମହାନ୍ତି, ଦୀପକକୁମାର ରାଏ, ସରୋଜ ମଉଗଜ, ରାଜେଶ ବେଜ୍, ପ୍ରଦୀପ୍ତ ପରିଡ଼ା, ରସାନନ୍ଦ ଦାଶ, ମାନିକ ମଜୁମଦାର, ହରିଶ୍ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ଶେଷ ଭାଗରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ ହୋଇଥିଲା ଓ ବନ୍ଧୁମାନେ ଏହାକୁ ଉପଭୋଗ କରିଥିଲେ ।

## ଆଜିଠୁ କାଳିଆ ଛାତ୍ରବୃତ୍ତି ଆବେଦନ

ଭୁବନେଶ୍ୱର, ୮/୧ (ନି.ପ୍ର): ଆସନ୍ତାକାଲି (ମଙ୍ଗଳବାର) ଠାରୁ କାଳିଆ ଛାତ୍ରବୃତି ପାଇଁ ଯୋଗ୍ର ଛାତ୍ରଛାତ୍ରୀ ଆବେଦନ କରିପାରିବେ । ଛାତ୍ରଛାତ୍ରୀମାନେ କମନ୍ ସ୍କଲାରସିପ୍ ପୋର୍ଟାଲରେ (ଏଚଟିଟିପି:// ସ୍କଲାରସିପ୍.ଓଡିଶା.ଜିଓଭି.ଇନ୍ ) ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ । ଅନ୍‌ଲାଇନ୍‌ରେ କାଳିଆ ଛାତ୍ରବୃତି ପାଇଁ ଆବେଦନ ଓ ନବୀକରଣ ନିମନ୍ତେ ବର୍ଷକୁ ଦୁଇଥର ପୋର୍ଟାଲ ଖୋଲାରହିବ । ଆସନ୍ତାକାଲି ଜାନୁଆରୀ ୯ ତାରିଖରୁ ଏହି ପୋର୍ଟାଲ ଖୋଲିବ ଏବଂ ଏହା ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ ।

## ରାଜ୍ୟସ୍ତରୀୟ ବିଜ୍ଞାନ ଭିତ୍ତିକ ଅନୁଷ୍ଠାନ ଆହ୍ୱାନର ମୁଖପତ୍ର 'କ୍ୱେଷ୍ଟ' ଲୋକାର୍ପିତ



ବାରିପଦା , ୮/୧ (ନି.ପ୍ର): ସରକାରୀ ମହିଳା ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅଗ୍ରଣୀ ଅନୁଷ୍ଠାନ ଆହ୍ୱାନ ଆନୁକୂଲ୍ୟରେ ବିଜ୍ଞାନ ଭିତ୍ତିକ ଗବେଷଣାତ୍ମକ ପତ୍ରିକା 'କ୍ୱେଷ୍ଟ'ର ତୃତୀୟ ସଂସ୍କରଣ ଲୋକାର୍ପିତ ହୋଇଯାଇଛି । ଏହି ଆସରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ବୈଜ୍ଞାନିକ ତଥା ଚାନ୍ଦିପୁର ଡି.ଆର.ଡି.ଓର ଅତିରିକ୍ତ ନିର୍ଦ୍ଦେଶକ ଡ. ନିଳାଦ୍ରି ରୟ, ସମ୍ମାନିତ ଅତିଥି ଭାବେ ପ୍ରବୀର ଚାନ୍ଦ ଯାଦବ, ପରିଚାଳକ ଇଣ୍ଡିଆନ ଅଏଲ କର୍ପୋରେସନ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ଅଧକ୍ଷା ଡ. ସାଗରୀକା ସିଂହ ଓ କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ଜ୍ୟୋତିର୍ମୟୀ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସଦସ୍ୟ ଡ. ତରୁଣ କୁମାର ଓଝା ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ପରେ ସଭାପତି ଶ୍ରୀଯୁକ୍ତ ପଦ୍ମନାଭ ସାହୁ ସ୍ୱାଗତ ସମ୍ଭାଷଣ ଦେଇଥିଲେ । ପ୍ରଦୀପ ପ୍ରଜ୍ୱଳନ ପରେ ଅଧକ୍ଷା ଡ. ସିଂହ ଓ ସମସ୍ତ ଅତିଥି ମଞ୍ଚରେ ଆହ୍ୱାନର ମୁଖପତ୍ର 'କ୍ୱେଷ୍ଟ'କୁ ଉନ୍ମୋଚନ କରିଥିଲେ । ପରେ ପରେ ଡ. ପ୍ରଧାନଙ୍କୁ ଛାତ୍ରଛାତ୍ରୀମାନଙ୍କ ମଧରେ ବୈଜ୍ଞାନିକ ଚିନ୍ତାଧାରାର ନିରନ୍ତର ପ୍ରସାର ଉଦ୍ୟମ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ଅତିଥି ଡ. ନିଳାଦ୍ରି ରୟ ବୈଜ୍ଞାନିକ ଓ ବିଜ୍ଞାନ କ୍ଷେତ୍ରରେ ଉନ୍ନତ ସୁବିଧା ସୁଯୋଗ ଉପରେ ଏକ ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରୀମାନଙ୍କର ଅନେକ ପ୍ରଶ୍ନର ଉତ୍ତର ମୁଖ୍ୟ ଅତିଥି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆହ୍ୱାନର ଆବାହକ ଶ୍ରୀଯୁକ୍ତ ସତ୍ୟଦୀପ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ମହାବିଦ୍ୟାଳୟର ଡ. ଅନୁପମା ଭୋଳ, ଡ. ସ୍ୱାଗତୀକା ମିଶ୍ର, ସୁନିତା ପ୍ରଧାନ, ସତ୍ୟସୌରଭ ବେହେରା, ଦିନେଶ କୁମାର ନାୟକ ଆହ୍ୱାନର ସଦସ୍ୟ ମାନସ ରଞ୍ଜନ ଶୁକ୍ଳା, ଚରକ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡ. ପ୍ରକାଶ ଚନ୍ଦ୍ର ମହାପାତ୍ର ଉପସ୍ଥିତ ସମସ୍ତଙ୍କୁ ସେମାନଙ୍କର ସଂପୃକ୍ତି ଓ ସଭାର ସଫଳତା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## କେନ୍ଦ୍ର ସରକାରଙ୍କ କଳାଆଇନ ବାତିଲ ପାଇଁ ରାଷ୍ଟ୍ରପତିଙ୍କୁ ଦାବିପତ୍ର




ବାଲେଶ୍ୱର , ୮/୧ (ନି.ପ୍ର): ବାଲେଶ୍ୱର ଅଟୋ ରିକ୍ସା ସମନ୍ୱୟ କମିଟି ତରଫରୁ ସଂଘ ର କାର୍ଯ୍ୟକାରୀ ସଭାପତି ପ୍ରେମ ରଞ୍ଜନ ପାତ୍ର ଙ୍କ ନେତୃତ୍ୱରେ ଶତାଧିକ ଅଟୋ ଡ୍ରାଇଭର ରେଲୱେ ଷ୍ଟେସନ ଠାରୁ ଜିଲ୍ଲାପାଳ ଅଫିସ୍ ପର୍ଯ୍ୟନ୍ତ ଏକ ପଟୁଆର ପହଞ୍ଚି ଧର୍ମଘଟ ର ସୂଚନା ଦେଇଥିଲେ । କେନ୍ଦ୍ର ସରକାର ଭାରତୀୟ ନ୍ୟାୟ ସଂଘୀତା-୨୦୨୩ ନାମରେ ପୁରୁଣା ଆଇନକୁ ପରିବର୍ତ୍ତନ କରି ମୋଟର ଡ୍ରାଇଭର ମାନଙ୍କ ବିରୋଧ ରେ ଏକ ଜଘନ୍ୟ ଆଇନ୍ ଆଣିଛନ୍ତି । ଭାରତୀୟ କେନାଲ କୋଡ଼ ୩୦୪(କ) ଅନୁସାରେ ମୋଟର ଦୁର୍ଘଟଣା ରେ କୌଣସି ବ୍ୟକ୍ତି ର ମୃତ୍ୟୁ ହେଲେ ସଂପୃକ୍ତ ଡ୍ରାଇଭର ଙ୍କୁ ଦୁଇବର୍ଷ ଜେଲଦଣ୍ଡ ର ବ୍ୟବସ୍ଥା ଥିଲା,ମାତ୍ର କେନ୍ଦ୍ର ସରକାର ଏହି ଆଇନକୁ ପରିବର୍ତ୍ତନ କରି, ଦୁର୍ଘଟଣା ହେଲେ ସଂପୃକ୍ତ ଡ୍ରାଇଭର ଙ୍କୁ ଦଶବର୍ଷ ଜେଲଦଣ୍ଡ ଓ ସାତ ଲକ୍ଷ ଟଙ୍କା ଜରିମାନା ଦେବାପାଇଁ ନୂଆ ଆଇନ୍ କରିଛନ୍ତି । ସଡ଼କ ଦୁର୍ଘଟଣାରେ ଆମଦେଶରେ ବଢ଼ିଚାଲିଛି । ସେହି ଅନୁସାରେ ରାସ୍ତା ର ବିକାଶ ନାହିଁ । ରାସ୍ତା ଓସାରିଆ ନାହିଁ ଓ ଲେନ୍ ବ୍ୟବସ୍ଥା ନାହିଁ । ଦୁଇ ଚକିଆ ଯାନ ସହିତ ତିନି ଚକିଆ, ଚାରିଚକିଆ ଓ ଭାରିଯାନ ପାଇଁ ଅଲଗା ଲେନ୍ ନଥିବାରୁ ଦୁର୍ଘଟଣା ବେଶୀ ହେଉଛି । ବହୁ ପ୍ରକାର ବାଧା, ପ୍ରତିବନ୍ଧକ ଓ ସମସ୍ୟା ଦେଇ ଡ୍ରାଇଭର ମାନେ ଗାଡି ଚଳାଉଛନ୍ତି ଓ ଜାଣିଶୁଣି ଦୁର୍ଘଟଣା କରାଉ ନାହାଁନ୍ତି ? । ଏହି ପରିସ୍ଥିତିରେ ଦୁର୍ଘଟଣା ରୋକିବା ନାମରେ ମୋଟର ଡ୍ରାଇଭର ମାନଙ୍କୁ ଜେଲ୍ ରେ ଭର୍ତ୍ତି କରି ସେମାନଙ୍କ ପରିବାରକୁ ନଷ୍ଟ କରିବାକୁ କେନ୍ଦ୍ରସରକାର ଯେଉଁ କଳା ଆଇନ୍ ପାସ୍ କରିଛନ୍ତି ତାକୁ ଆମେ ବିରୋଧ କରୁଛୁ ଏବଂ ଏହି ଆଇନକୁ କେନ୍ଦ୍ରସରକାର ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ । ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ସଂପାଦକ ରାଜ କିଶୋର ଲେଙ୍କା, ସଭାପତି ନିର୍ମଳ ନାୟକ,ସିଟୁ ନେତା ତଥା ସିପିଆଇ ଏମ ଜିଲ୍ଲା ସଂପାଦକ ଶିଶିର ହୁଇ, ଚାଷୀ ମୂଲିଆ ନେତା ଅରୁଣ ଜେନା, ବିଧାନ ରାଏ, ଗୁମାନ ଖାଁ, ସୁଦିପ୍ତ ସିଂହ, ରାଜକିଶୋର ପାତ୍ର, ଉମାକାନ୍ତ ପାତ୍ର, ରାଜେନ୍ଦ୍ର ବେହେରା, ନିରଞ୍ଜନ ସାହୁ, ଲୋକ ନାଥ ବେହେରା,ମାନସ କୁମାର ସାହୁ, ବକ୍ତବ୍ୟ ରଖିଥିଲେ । ବଳରାମ ବେହେରା, କମଳାକାନ୍ତ ସ, ରବିନ୍ଦ୍ର ବେହେରା, ମାୟାଧର ବେହେରା, କିଶୋର ମାଝୀ, କମାଲୁଦ୍ଦିନ ସାହା, ସେକ୍ ସଫିଉଦିନ, ମହମ୍ମଦ ଅନୁଆର,ହରିଶ ଦାସ,ସଂଜୟ କୁମାର ଦାଶ,ଶରତ ବାରିକ, ଅଶୋକ ଦାସ, ଦିଲ୍ଲିପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo